R.N.I. REGN. No. 65000/96 POSTAL REGN. No. OR/BN-32/12-14

08 October 2025, Wednesday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୪
ତିଥି: ପ୍ରତିପଦ
୦୮ ଅକ୍ଟୋବର ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ

# ତଦନ୍ତ ଲାଗି ୩ ଟିମ୍, କାରଣ ଖୋଜୁଛି ପୋଲିସ

ବ୍ରହ୍ମପୁର, ୭ ।୧୦ (ସବ୍ୟୁ): ରାଜ୍ୟ ବାର କାଉନସିଲ ସଦସ୍ୟ, ବିଜେପି ନେତା ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି ମାଡ ଘଟଣାର ତଦନ୍ତ ବ୍ରହ୍ମପୁର ପୋଲିସ ପକ୍ଷରୁ ଜାରି ରହିଛି । ଘଟଣାରେ ସଂପୃକ୍ତି ସନ୍ଦେହରେ ବ୍ରହ୍ମପୁର ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ଏହି ହତ୍ୟାକାଣ୍ଡରେ ସୁପାରିକିଲର ନିୟୋଜିତ ହୋଇଥିବା ପୋଲିସ ସନ୍ଦେହ କରୁଛି । ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଭିନ୍ନ ଲୋକଙ୍କ ମୋବାଇଲ କଲ ରେକର୍ଡକୁ ନେଇ ଯାଞ୍ଚ କରୁଥିବା ସୂଚନା ମିଳିଛି । ତେବେ କେଉଁ କାରଣ ପାଇଁ ହତ୍ୟା କରାଗଲା ତାହା ଏବେବି ରହସ୍ୟାବୃତ୍ତ ହୋଇ ରହିଛି । ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି ।



ସୋମବାର ରାତି ୯ଟା ୪୫ ବେଳେ ନିଜ କାମ ସାରି ସ୍କୁଟି ଯୋଗେ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗର ପ୍ରଥମ ଲାଇନରେ ଥିବା ନିଜ ଘରକୁ ଫେରୁଥିଲେ । ଏହି ସମୟରେ ତାଙ୍କ ଘରଠାରୁ ୫୦ ମିଟର ଦୂରରେ ମୁଖ୍ୟରାସ୍ତା ଉପରେ ୨ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ବାଇକରେ ଆସି ତାଙ୍କୁ ଅଟକାଇ ଥିଲେ । ପିତବାସ ଏବଂ ଦୁର୍ବୃତ୍ତଙ୍କ ଭିତରେ କିଛି ସମୟର କଥାବାର୍ତ୍ତା ପରେ ଜଣେ ଦୁର୍ବୃତ୍ତ ନିଜ ପାଖରେ ରଖିଥିବା ଏକ ବନ୍ଧୁକ ବାହାର କରି ଅତି ନିକଟରୁ ପିତବାସଙ୍କ ଡାହାଣ ପଟ ଛାତିଙ୍କୁ ଲକ୍ଷ କରି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା । ଗୁଳିଟି ପିତବାସଙ୍କ ଛାତିରେ ପଶିବା ପରେ ସେ ଘଟଣାସ୍ଥଳରୁ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ବାଟ ପରେ ରାସ୍ତାରେ ହିଁ ଟଳି ପଡିଥିଲେ । ଏହାପରେ (୯ ପୃଷ୍ଠାରେ)

## ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ବ୍ରହ୍ମପୁରର ବରିଷ୍ଠ ଆଇନଜୀବି ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ଜଘନ୍ୟ ଓ ଅମାନୁସିକ ହତ୍ୟାକାଣ୍ଡରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଖୋଜି ବାହାର କରି ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ । ଏଭଳି ଏକ ଜଘନ୍ୟ ଓ ଅମାନୁସିକ (୯ ପୃଷ୍ଠାରେ)


# ହଟିଲା କର୍ଫ୍ୟୁ, ସ୍ଥିତି ସ୍ୱାଭାବିକ

କଟକ, ୭ ।୧୦(ସବ୍ୟୁ): ସହରରେ ଭସାଣୀ ଗଣ୍ଡଗୋଳରୁ ଗୋଷ୍ଠୀ ସଂଘର୍ଷ ଭୟାନକ ରୂପ ନେବା ପରେ ସାରା ସହରରେ କର୍ଫ୍ୟୁ ଜାରି ରହିଥିଲା । ଆଜି ସନ୍ଧ୍ୟାରେ କଟକ ସହରରୁ କର୍ଫ୍ୟୁକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି । ୨ ଦିନର ବନ୍ଦୀ ଜୀବନ ପରେ ସହରବାସୀ ଘରୁ ବାହାରିଛନ୍ତି । ଦୀର୍ଘ ୩୬ ଘଣ୍ଟା ପରେ ସହରର ସ୍ଥିତି ସ୍ୱାଭାବିକ ହୋଇଛି ।



- ଆଜି ଜଣେ ଗିରଫ, ଗିରଫଦାରୀ ସଂଖ୍ୟା ୯
- ସାରା ସହରରେ ଇଣ୍ଟରନେଟ୍ ଉପଲବ୍ଧ
- ସୋସିଆଲ୍ ମିଡିଆ ଉପରେ ତୀକ୍ଷ୍ଣ ନଜର
- ଗୁଜବକାରୀଙ୍କୁ ଧରିବାକୁ ପୁଲିସର ସ୍ୱତନ୍ତ୍ର ମନିଟରିଂ

ତମାମ ସହରକୁ ଧୀରେ ଧୀରେ ଶାନ୍ତି ଫେରୁଛି । ଶୋଭାଯାତ୍ରାରେ ଗଣ୍ଡଗୋଳ କରିଥିବା ଘଟଣାରେ ସମୁଦାୟ ୯ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ପୋଲିସ କମିଶନର ଏସ. ଦେବଦତ୍ତ ସିଂ ନିବେଦନ କରିଛନ୍ତି । ଡିସିପିଙ୍କ କାର୍ଯ୍ୟାଳୟରେ ପୋଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଯେ, କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି । ଏହାକୁ ଦୃଷ୍ଟିରେ ରଖି କର୍ଫ୍ୟୁକୁ ହଟାଇ ଦିଆଯାଇଛି । ୩୬ ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି । ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରାଯାଉଛି । ବିଭିନ୍ନ ସ୍ଥାନଗୁଡ଼ିକରେ ପୋଲିସର ପାଟ୍ରୋଲିଂ ଜାରି ରହିବ । ସୋସିଆଲ୍ ମିଡିଆକୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯାଉଛି । ଯେକୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଶ୍ରୀ ସିଂ ସୂଚନା ଦେଇଛନ୍ତି । (୯ ପୃଷ୍ଠାରେ)




## ଘାସିରାମ କଂଗ୍ରେସ ପ୍ରାର୍ଥୀ



ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ଆସନ୍ତା ୧୧ ନଭେମ୍ବର ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତିରେ ଆଗୁଆ ରହିଛି । ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଘାସିରାମ ମାଝୀଙ୍କୁ ଦଳୀୟ ପ୍ରାର୍ଥୀ କରିବା ପାଇଁ ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପିସିସିର ରାଜନୈତିକ ବ୍ୟାପାର କମିଟିର ସର୍ବସମ୍ମତ ପ୍ରସ୍ତାବରେ ମଙ୍ଗଳବାର ମୋହର ଲଗାଇଛି ଏଆଇସିସି । ଆଜି ଏହି ମର୍ମରେ ଏଆଇସିସି ପକ୍ଷରୁ ସାଧାରଣ ସଂପାଦକ (ସଙ୍ଗଠନ) ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଶ୍ରୀ ମାଝୀଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷିତ ହେବାପରେ ଦଳୀୟ ମହଲରେ ଆନନ୍ଦ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ (୯ ପୃଷ୍ଠାରେ)






୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ଭାରତୀୟ ବାୟୁସେନା ବିଭାଗ ପ୍ରତିଷ୍ଠା କରାଯାଇଥିଲା । ଯାହାଫଳରେ ପ୍ରତିବର୍ଷ ଅକ୍ଟୋବର ୮ ତାରିଖକୁ ଭାରତୀୟ ବାୟୁସେନା ଦିବସ ରୂପେ ପାଳନ କରାଯାଇଥାଏ । ଏହି ଅବସରରେ ଦେଶରେ ପ୍ୟାରେଡ୍ ଠାରୁ ଆରମ୍ଭ କରି ଅନେକ ଏୟାର୍ ସୋ' ଆୟୋଜନ କରାଯାଏ । ଚଳିତବର୍ଷ ବାୟୁସେନା ପକ୍ଷରୁ ୯୧ତମ ବାୟୁସେନା ଦିବସ ପାଳନ କରାଯିବ । ଉଭୟ ସରକାରୀ ତଥା ସର୍ବସାଧାରଣରେ ଭାରତୀୟ ବାୟୁସେନାର ସଚେତନତାକୁ ବୃଦ୍ଧି କରିବା ଲାଗି ଏହି ଦିବସ ପାଳନ କରାଯାଉଛି । ଏହି ଦିନରେ ବାୟୁସେନା ଅଧିକାରୀଙ୍କ ଦ୍ୱାରା ଡ୍ରିଲ୍ ମଧ୍ୟ କରାଯାଇଥାଏ । ଆମେରିକା, ଚୀନ୍ ଓ ରୁଷ୍ ପରେ ଭାରତୀୟ ବାୟୁସେନା ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ ବାୟୁସେନା ।

# ବାୟୁସେନା ଦିବସ



## ସୋସିଆଲ କୋଟ୍ସ



"ମୋ ପାଇଁ ହଠାତ୍ ଟିଭି ଇଣ୍ଡଷ୍ଟ୍ରୀରୁ ଫିଲ୍ମ ଲାଇନ୍‌କୁ ଆସିବା ବେଶ୍ ବଡ କଥା ଥିଲା । ଏଠିକାର କାମ କରିବାର ଶୈଳୀ ଖୁବ ଅଲଗା । ଏଠାରେ ଖାଇବା ଠାରୁ କଥା କହିବା ସବୁଥିରେ ଧ୍ୟାନ ରଖିବାକୁ ହୋଇଥାଏ ।

ବିକ୍ରାନ୍ତ ମେସି, ଅଭିନେତା



"ଗଦର-୨ର ଗୀତ ସୁଟିଂ ବେଳେ ମୁଁ କିଛି ଷ୍ଟଣ୍ଟ୍ କରିବାକୁ ଚେଷ୍ଟା କରିଥିଲି । ହେଲେ ଏହି କାରଣରୁ ମୋ ଗୋଡ ହିଁ ଭାଙ୍ଗି ଯାଇଥିଲା । ଯାହା ମୋ ପାଇଁ ନିରାଶ ଜନକ ଥିଲା ।

ଉତ୍କର୍ଷ ଶର୍ମା, ଅଭିନେତା



"ମୁଁ ଯେତେବେଳେ ଇଣ୍ଡଷ୍ଟ୍ରୀକୁ ଆସିଥିଲି ସେତେବେଳେ ମୋତେ ହିନ୍ଦୀ ଆସୁନଥିଲା । ଏଠାକୁ ଆସିବା ପରେ ମୁଁ ହିନ୍ଦୀ ଶିଖିଥିଲି । ମୁଁ କୌଣସି ଯୋଜନା କରି ଇଣ୍ଡଷ୍ଟ୍ରୀକୁ ଆସି ନଥିଲି ।

ଶୋଭିତା ଧୁଲିପାଲା, ଅଭିନେତ୍ରୀ

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ମୁନସୀ ପ୍ରେମଚନ୍ଦ



ଜଣେ ବିଶିଷ୍ଟ ହିନ୍ଦୀ ଓ ଉର୍ଦ୍ଦୁ ଭାଷାର ଲେଖକ ତଥା ଔପନ୍ୟାସିକ ଭାବେ ତାଙ୍କର ରହିଛି ଅନନ୍ୟ ପରିଚୟ । ୩୧ ଜୁଲାଇ, ୧୮୮୦ ମସିହାରେ ଉତ୍ତର ପ୍ରଦେଶ ବନାରସରରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କର ସମସ୍ତ ଲେଖାରେ ସେ ନିଜ ଉପନାମ ନବାବ ରାୟ ହିଁ ବ୍ୟବହାର କରୁଥିଲେ । ତାଙ୍କ ଲେଖାଗୁଡ଼ିକ ପଢ଼ି ଖୁସି ହୋଇ ସମାଜରେ ତାଙ୍କର ଅଗଣିତ ପାଠକ ତାଙ୍କୁ ମୁନସୀ ପ୍ରେମଚନ୍ଦ ବୋଲି ଡାକିଥିଲେ । ସିଏ ଉର୍ଦ୍ଦୁ ଓ ହିନ୍ଦୀ ଭାଷାରେ ପ୍ରାୟ ଅନେକ ଉପନ୍ୟାସ, କ୍ଷୁଦ୍ର ଗଳ୍ପ, କେତେଗୁଡ଼ିଏ ନିବନ୍ଧ ମଧ୍ୟ ଲେଖିଛନ୍ତି । ତାଙ୍କର ଉପନ୍ୟାସ ଗୁଡ଼ିକ ମଧ୍ୟରୁ ସେବାସଦନ, ରଙ୍ଗମଞ୍ଚ, ଗବନ, ନିର୍ମଳା ଓ ଗୋଦାନ ଖୁବ୍ ଆଦୃତ । ପ୍ରେମଚନ୍ଦଙ୍କ ପିତା ମୁନସି ଅଜାଇବ ଲାଲ ଜଣେ ପୋଷ୍ଟାଲ କିରାନୀ ଥିଲେ । ପ୍ରେମଚନ୍ଦ ପିଲାବେଳେ ତାଙ୍କ ପାଠପଢା ମାଦ୍ରାସାରେ ପୂର୍ଣ୍ଣ କରିଥିଲେ । ଏହି ମହାନ ଲେଖକଙ୍କର ଦେହାନ୍ତ ଅକ୍ଟୋବର ୮ ୧୯୩୬ରେ ହୋଇଥିଲା । ତାଙ୍କର କାଳଜୟୀ ଲେଖା ପାଇଁ ତାଙ୍କୁ ଆଜି ବି ଲୋକ ମନେରଖିଛନ୍ତି ।

# ଖାଦ୍ୟ ଦୂର କରିବ ଅବସାଦ

**ଆଜିକାଲି ଷ୍ଟ୍ରେସ୍ ଆମମାନଙ୍କ ଲାଇଫ୍‌ର ଏକ ଅଂଶ ଭାବେ ଉଭା ହୋଇଛି । ଯେତେ ଛୋଟ ପିଲାଟିଏ ହେଉ ପଛେ ତାର ମଧ୍ୟ ଷ୍ଟ୍ରେସ୍ ରହୁଛି । ପାଠ ପଢା ହେଉ କିମ୍ବା କ୍ଲାସ୍‌ରେ ଫାଷ୍ଟ ଆସିବାର ଷ୍ଟ୍ରେସ୍ ସବୁବେଳେ ତାଙ୍କ ମୁଣ୍ଡରେ ରହୁଛି । ସେହିଭଳି ବଡ ମାନଙ୍କର ବିଭିନ୍ନ ପ୍ରକାରର ଚିନ୍ତା ରହୁଛି । ସବୁବେଳେ ସମସ୍ତେ ଆମକୁ ଷ୍ଟ୍ରେସ ଫ୍ରି ହେବାର ପରାମର୍ଶ ଦେଇଥାଆନ୍ତି । ଏଭଳି କି କେତେଜଣ ଡାକ୍ତର ପାଖୁ ଯିବାପାଇଁ ମଧ୍ୟ ପରାମର୍ଶ ଦେଇଥାଆନ୍ତି । ହେଲେ ଏଭଳି କିଛି ଖାଦ୍ୟ ଓ ଭିଟାମିନ୍ସ ରହିଛି ଯାହାକୁ ଖାଇବା ଦ୍ୱାରା ଆମର ଷ୍ଟ୍ରେସ୍ ଦୂର ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଖାଦ୍ୟ ବିଷୟରେ ।**



- ଭିଟାମିନ ବି ଷ୍ଟ୍ରେସ୍ ରିମୁଭ୍ କରିବାର ଏକ ବଡ ଉପାୟ । ଖାଦ୍ୟରେ ଯେତେ ପରିମାଣରେ ଭିଟାମିନ୍ ବି ରହିବ ଆମ ଷ୍ଟ୍ରେସ୍ ସେତେ ଦୂର ହେବ । ତେଣୁ ମିଲ୍‌ରେ ଭିଟାମିନ୍ ବି ଥିବା ଖାଦ୍ୟ ଅଧିକ ସାମିଲ କରନ୍ତୁ ଯେପରି ପନି ପରିବା ।
- କଞ୍ଚାରେ ଖାଇହେଉଥିବା ପନିପରିବା ଷ୍ଟ୍ରେସ୍ ପାଇଁ ବେଶ ଉପଶମ ସାବ୍ୟସ୍ତ ହୋଇଥାଏ । ଆପଣ ଯେତେବେଳେ ବି ଖାଲି ସମୟ ପାଉଛନ୍ତି ତେବେ ଗାଜର, କାକୁଡି ଆଦି ଖାଇପାରିବେ ଏହା ମନର ଅବସାଦକୁ ଦୂର କରିଥାଏ ।
- ଭିଟାମିନ୍ ବି' ଭଳି ସି' ମଧ୍ୟ ଏଥିପାଇଁ ଉପକାରୀ । ସବୁବେଳେ ଦିନର ଖାଦ୍ୟରେ ଭିଟାମିନ୍ ସି' ଥିବା ଖାଦ୍ୟକୁ ସାମିଲ କରନ୍ତୁ ।
- ସେହିଭଳି ଷ୍ଟ୍ରେସ୍‌ରୁ ଦୂରରେ ରହିବା ପାଇଁ ନିଜର କମ୍ଫର୍ଟ ଫୁଡ୍‌ର ସହାୟତା ନିଅନ୍ତୁ । ତେବେ ଧ୍ୟାନ ରଖନ୍ତୁ ଏହାର ହେଲ୍ଦି ଭର୍ସନ୍‌କୁ ଖାଇବେ ନଚେତ୍ ପେଟ ଜନିତ ସମସ୍ୟା ଦେଖିଯିବାର ଆଶଙ୍କା ରହିଥାଏ ।

# ୯୦ ଟଙ୍କାରେ କିଣି ବିକ୍ରି ୪୦ କୋଟିରେ



ଅନେକ ସମୟରେ ଆମେ କିଣିଥିବା ଏକ କମ ମୂଲ୍ୟର ସାମଗ୍ରୀ ମଧ୍ୟ ଆମକୁ କୋଟିପତି କରାଇଥାଏ । ସେହିଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଇଟାଲୀରେ । ଏଠାରେ ଜଣେ ମହିଳା ୯୦ଟଙ୍କାରେ କିଣିଥିବା ଘରର ବର୍ତ୍ତମାନ ମୂଲ୍ୟ ହେଉଛି ୪କୋଟି । କିଛି ବର୍ଷ ତଳେ ସେ ଏକ ପରିତକ୍ତ୍ୟ ଘରକୁ ଭାରତୀୟ ମୁଦ୍ରା ମାତ୍ର ୯୦ଟଙ୍କାରେ କିଣିଥିଲେ । ହେଲେ ବର୍ତ୍ତମାନ ଏହି ଘରର ମୂଲ୍ୟ ୪କୋଟିରେ ପହଞ୍ଚିଛି । ଘରଟି କିଣିବା ପରେ ମହିଳା ଜଣଙ୍କ ଏଥିରେ କିଛି ଅର୍ଥ ଖର୍ଚ୍ଚ କରି ଏହାକୁ ମରାମତି କରିଥିଲେ । ଏଥିସହ ଘର ପାଇଁ ସମସ୍ତ ସୁବିଧା ମଧ୍ୟ କରିଥିଲେ । ଏଥିରେ ପ୍ରଭାବିତ ହୋଇ ବର୍ତ୍ତମାନ ମହିଳା ଜଣଙ୍କ ଅନ୍ୟ ଦୁଇଟି ଘର ମଧ୍ୟ ଇଟାଲୀର ସେହି ଗ୍ରାମରେ କିଣିଛନ୍ତି । ଏହି ଘରକୁ ରିନୋଭେସନ୍ କରି ସେ ଲାଇବ୍ରେରୀ ଓ କାଫେ କରିଛନ୍ତି । ମହିଳାଙ୍କର ଏହି ପ୍ରୟାସ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

# କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ

**ବର୍ତ୍ତମାନ ବିଭିନ୍ନ କମ୍ପାନୀମାନେ ନିଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ଗୋଟିଏ ସଫଳ ଅନୁଷ୍ଠାନ ପଛରେ କର୍ମଚାରୀଙ୍କ ସହଯୋଗ ଅଧିକ ଥାଏ ବୋଲି ବର୍ତ୍ତମାନ କମ୍ପାନୀମାନେ ହୃଦୟଙ୍ଗମ କରିବା ଆରମ୍ଭ କରିଛନ୍ତି । କର୍ମଚାରୀଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ବର୍ତ୍ତମାନ ବଡବଡ ଅନୁଷ୍ଠାନ ଏଥିପାଇଁ ନୂଆ ରଣନୀତି ଆପଣାଉଛନ୍ତି ।**

**ଫିଟନେସ୍‌ର ସୁବିଧା–** ବିଭିନ୍ନ କମ୍ପାନୀରେ କର୍ମଚାରୀଙ୍କ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ଅନେକ କମ୍ପାନୀରେ ଷ୍ଟାଡିଂ ଡେସ୍କ, ଜିମ୍ ଏବଂ ସାଇକିଲିଂ କରିବାର ସୁବିଧା ପ୍ରଦାନ କହରାଯାଉଛି । କର୍ମଚାରୀଙ୍କୁ ଫିଟ୍ ରହିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି ।

**ସୁଷମ ଖାଦ୍ୟର ଉପଲବ୍ଧି–** ସୁସ୍ଥ ରହିବା ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ସବୁଠାରୁ ଅଧିକ ରହିଥାଏ । ତେଣୁ ବର୍ତ୍ତମାନ ଅଫିସରେ କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟକର ଖାଦ୍ୟ ଉପଲବ୍ଧ କରାଉଛନ୍ତି । କମ୍ପାନୀମାନେ ବିଶେଷ ଭାବେ ଫ୍ୟାକ୍ଟ୍ରିରେ ସେମାନଙ୍କ କର୍ମଚାରୀଙ୍କୁ ସତେଜ ଫଳ, ସାଲାଡ୍, ଦହି ଆଦି ଦେଉଥିବାର ଦେଖିବାକୁ ମିଳୁଛି ।



**ମାନସିକ ସ୍ୱାସ୍ଥ୍ୟର ଧ୍ୟାନ–** ବର୍ତ୍ତମାନ କମ୍ପାନୀମାନେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ମାନସିକ ସ୍ତରରେ ସୁସ୍ଥ ରହିଲେ ହିଁ ଜଣେ ଭଲ କାମ କରିପାରିବ । ତେଣୁ ସେମାନଙ୍କୁ ମଝିରେ ମଝିରେ ବ୍ରେକ୍ ସହ କାମ କରିବା ପାଇଁ ୱାର୍କ ଫ୍ରେଣ୍ଡ୍‌ଲି ପରିବେଶ ସୃଷ୍ଟି କରାଯାଉଛି ।

# ବିଗ୍‌ବସ ଜିତିବା ଲକ୍ଷ୍ୟ



ବିଗ୍‌ବସର ଚର୍ଚ୍ଚା ଏବେ ସବୁ ସ୍ଥାନରେ ଦେଖିବାକୁ ମିଳୁଛି । ଏହାର ପ୍ରତିଟି ପ୍ରତିଯୋଗୀ ବର୍ତ୍ତମାନ ଲାଇମ୍ ଲାଇଟରେ ରହୁଛନ୍ତି । ଏହି ଚର୍ଚ୍ଚା ତାଲିକାରେ ଯୋଡି ହୋଇଛନ୍ତି ଜଣେ ନୂଆ କଳାକାର । ନିକଟରେ ଶୋ'ରେ ଏଣ୍ଟ୍ରି କରିଛନ୍ତି ଦୀପକ ଚହରଙ୍କ ଭଉଣୀ ତଥା ମଡେଲ ଓ ଅଭିନେତ୍ରୀ ମାଲତି ଚହର, ଯାହାଙ୍କୁ ନେଇ ସମସ୍ତ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି । ମାଲତିଙ୍କ ଲାଇଫ୍ ଉପରେ ଜାଣିବାକୁ ସମସ୍ତ ଦର୍ଶକଙ୍କର ଖୁବ ଆଗ୍ରହ ଦେଖିବାକୁ ମିଳୁଛି । ୧୯୯୦ରେ ଉତ୍ତର ପ୍ରଦେଶରେ ଜନ୍ମିତ ମାଲତି ନିଜ ପରିବାରଠାରୁ କିଛି ହଟକେ କରିବାକୁ ନିଷ୍ପତ୍ତି ନେଇଥିଲେ । ତାଙ୍କ ବ୍ୟାକ୍‌ଗ୍ରାଉଣ୍ଡ ଖେଳକୁ ସମର୍ଥନ କରୁଥିଲେ ମଧ୍ୟ ସେ ନିଷ୍ପତ୍ତି ନେଇଥିଲେ କିଛି ସ୍ୱତନ୍ତ୍ର କରିବାକୁ ତେଣୁ ସେ ଅଭିନୟ ଦୁନିଆରେ ପାଦ ଥାପିଥିଲେ । ଭାଇ ଦୀପକ ଜଣେ ସଫଳ କ୍ରିକେଟର ହୋଇଥିବାବେଳେ ସେ ଜଣେ ସଫଳ ମଡେଲ । ମଡେଲିଂରୁ ତାଙ୍କ କ୍ୟାରିୟରର ଆରମ୍ଭ ହୁଏ । ଅନେକ ମଡେଲିଂ ପେଜାଣ୍ଟର ସେ ହୁଅନ୍ତି ବିଜେତା, ଯାହା ତାଙ୍କୁ ଆଣିଦିଏ ସଫଳତା । ୨୦୧୭ରେ ସେ ଫିଲ୍ମରେ ମଧ୍ୟ ଡେବ୍ୟୁ କରିଛନ୍ତି । ଏହାସହ କଣ୍ଟେଣ୍ଟ କ୍ରିଏସନରେ ମଧ୍ୟ ତାଙ୍କର ସଫଳତା ଦେଖିବାକୁ ମିଳିଥାଏ । ବର୍ତ୍ତମାନ ବିଗ୍‌ବସରେ ଧମାଲ କରୁଛନ୍ତି ମାଲତି । ଟ୍ରଫି ଜିତିବା ଆଶାରେ ହାଉସ ଏଣ୍ଟ୍ରି କରିଥିବା ମାଲତି ବାଜି ମାରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା ।

୧୯୩୧– ଭାରତୀୟ ରାଜନୀତିଜ୍ଞ ପଦ୍ମନାଭ ବାଳକୃଷ୍ଣ ଆଚାର୍ଯ୍ୟଙ୍କ ଜନ୍ମ ।

୧୯୩୬– ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ପ୍ରେମଚାନ୍ଦଙ୍କ ମୃତ୍ୟୁ ।

୧୯୯୮– ଫ୍ଲାଇଙ୍ଗ୍ ସେଫ୍‌ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା ଭାରତ ।


୧୯୯୮– ଭାରତୀୟ ମହିଳା ରେସଲର ଦିବ୍ୟା କାକରନ୍‌ଙ୍କ ଜନ୍ମ ।

୨୦୦୨– ପାକିସ୍ତାନ ତରଫରୁ ସାହୀନ ମିସାଇଲ୍‌ର ପୁନଃ ପରୀକ୍ଷଣ ।

୨୦୦୩– ଇରାନର ଓକିଲ ତଥା ଲେଖିକା ଶିରୀନ ଇବାଦୀଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା ।


୨୦୦୪– ଶାନ୍ତି ପାଇଁ କେନ୍ୟା ପରିବେଶବିତ୍ ୱାଙ୍ଗରୀ ମାଥାଇଙ୍କୁ ନୋବେଲ ପୁରସ୍କାର ପାଇଁ ଘୋଷଣା ।

ଏହି ପୋଜ୍ କରିବାପାଇଁ ପ୍ରଥମେ ଯୋଗ ମ୍ୟାଟ ଉପରେ ଆଣ୍ଠୁ ମାଡି ବସିପଡନ୍ତୁ । ତେବେ ଆଣ୍ଠୁ ମଧ୍ୟରେ କିଛି ଗ୍ୟାପ୍ ରଖନ୍ତୁ । ଏହାପରେ ହାତକୁ ସାମ୍ନା ପଟେ ଭୂମି ଉପରେ ରଖନ୍ତୁ । ଏହାପରେ କହୁଣୀକୁ ମୟୂର ପଞ୍ଝାଭଳି ରଖି ଏହା ଉପରେ ସମସ୍ତ ଶରୀରର ଭାର ରଖନ୍ତୁ । ଏହାପରେ ଧୀରେଧୀରେ ଗୋଡକୁ ଅଳ୍ପ ଉପରକୁ ଉଠାନ୍ତୁ । ତେବେ ଏହି ଆସନ କରିବା ସମୟରେ ଏକ୍ସପର୍ଟଙ୍କ ସାହାଯ୍ୟ ନିଅନ୍ତୁ । ଯେତିକି ସମୟ ପାରୁଛନ୍ତି ଏହି ପୋଜ୍‌ରେ ରୁହନ୍ତୁ । ଏହା ଏକ ଷ୍ଟ୍ରେଚିଂ ଏକ୍ସରସାଇଜ୍ ହୋଇଥିବାରୁ ପୂରା ବଡିର ଷ୍ଟ୍ରେଚ୍ ହୋଇଥାଏ । ଏହା ପାଚନତନ୍ତ୍ର ପାଇଁ ବେଶ ଉପକାରୀ ହୋଇଥାଏ । ତେବେ ଏହାକୁ ପ୍ରଥମରୁ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।




# ମୟୂରାସନ


SIKSHA 'O' ANUSANDHAN
(Deemed to be University)
Accredited (3rd cycle) by NAAC with A++ Grade
NIRF Rankings-2025
National Institutional Ranking Framework
15th in University Category
22nd in Engineering Category
15th in Medical Category
09th in Dental Category
10th in Law Category
QS WORLD UNIVERSITY RANKINGS 2025
64 in QS Southern Asia University Ranking
278 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage
THE WORLD UNIVERSITY RANKINGS 2025
801-1000 in THE World University Ranking
501- 600 in Engineering Technology
601- 800 in Computer Science
801-1000 in Health Sciences
201-300 in World Reputation Ranking
Statutory Approvals
UGC APPROVED
AICTE APPROVED
NMC APPROVED
DCI APPROVED
PCI APPROVED
BCI APPROVED
INC APPROVED
VCI APPROVED
Accreditations & Recognitions
Accredited by NAAC with Grade 'A++'
NBA ACCREDITED
ICAR ACCREDITED
NABL ACCREDITED
NABH ACCREDITED
CATEGORY-1 12(B) STATUS
DSIR-SIRO RECOGNIZED
MAJOR INTERNATIONAL COLLABORATIONS
The Bindura University of Science Education, Zimbabwe
University of Bolton, UK
Asia University of Taiwan
Dongguk University - Seoul, South Korea
Earth Network Inc, USA
Asia Pacific University of Technology & Innovation, Malaysia
NHA Trang University, Vietnam
University of Nebraska, Lincoln
SOA HOSPITALS
IMS AND SUM HOSPITAL
Kalinga Nagar, Bhubaneswar
IMS AND SUM HOSPITAL
Phulnakhara, Bhubaneswar
IMS AND SUM HOSPITAL
Sitalapalli, Brahmapur
SUM ULTIMATE MEDICARE
Kalinga Nagar, Bhubaneswar
18 Research Centres in niche Areas
Atal Incubation Centre
Over 400 foreign Students from 30 countries
41 Professors of SOA figure among the Top 2% Scientists of the World as listed by Stanford University, USA
Startup & Incubation Centre
aico
CII
Empowering students for a brighter future
ENGINEERING AND TECHNOLOGY
(Institute of Technical Education & Research)
MEDICAL SCIENCES
(IMS AND SUM HOSPITAL, Kalinga Nagar)
(IMS AND SUM HOSPITAL, Phulnakhara)
(IMS AND SUM HOSPITAL, Sitalapalli, Brahmapur)
DENTAL SCIENCES
(Institute of Dental Sciences)
MANAGEMENT SCIENCES
(Institute of Business and Computer Studies)
PHARMACEUTICAL SCIENCES & BIOTECHNOLOGY
(School of Pharmaceutical Sciences), Kalinga Nagar
(Centre for Biotechnology)
(School of Pharmaceutical Sciences-II), Phulnakhra
NURSING
(Sum Nursing College, Kalinga Nagar)
(Sum Nursing College, Phulnakhara)
HOSPITALITY & TOURISM MANAGEMENT
(School of Hotel Management)
LEGAL STUDIES
(SOA National Institute of Law)
AGRICULTURAL SCIENCES
(Institute of Agricultural Sciences)
VETERINARY SCIENCE & ANIMAL HUSBANDRY
(Institute of Veterinary Science and Animal Husbandry)
BHUBANESWAR, ODISHA, INDIA
www.soa.ac.in


Bringing
SMILES to
MILLIONS
Paradeep Phosphates
PPL
www.paradeepphosphates.com
canonfire ppl 25


www.vedantaaluminium.com
vedanta
transforming for good
ବେଦାନ୍ତ
ଓଡ଼ିଶା ସହ,
ଭାରତ ପାଇଁ
ଆଲୁମିନିୟମ,
ଭବିଷ୍ୟତର ଏକ ରଣନୈତିକ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଯାହା ମହାକାଶ ଅନୁସନ୍ଧାନ ରୁ ନେଇ ସ୍ୱଚ୍ଛ ଶକ୍ତି, ଭିତ୍ତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ପର୍ଯ୍ୟନ୍ତ ଭବିଷ୍ୟତର ମୂଳଦୁଆ ନିର୍ମାଣ କରୁଛି ।
ଓଡ଼ିଶାର ବକ୍ସାଇଟ୍ ଭାରତର ଭବିଷ୍ୟତ ଗଠନ କରିବ ।
ଏହି ସମ୍ଭାବନାକୁ ପୂର୍ଣ୍ଣ ରୂପ ଦେବାରେ ବେଦାନ୍ତ, ସରକାରଙ୍କ ସହିତ ପ୍ରତିଶ୍ରୁତିବଦ୍ଧ ।
ଓଡ଼ିଶାର ରୂପାନ୍ତରଣ -
ଝାରସୁଗୁଡାରେ ବାର୍ଷିକ 18 ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର
ବାର୍ଷିକ 30 ଲକ୍ଷ ଟନ୍ ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ କମ୍ପ୍ଲେକ୍ସ ପାଇଁ 1 ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ
ପ୍ରସ୍ତାବିତ ଆଲୁମିନିୟମ ପାର୍କରେ 500 ରୁ ଅଧିକ ଅନୁଗାମୀ ଶିଳ୍ପକୁ କଞ୍ଚାମାଲ ଏବଂ ବିଦ୍ୟୁତ୍ ଯୋଗାଣ
ବାର୍ଷିକ 50 ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନା ରିଫାଇନାରୀ ମାଧ୍ୟମରେ କଳାହାଣ୍ଡିର ବିକାଶକୁ ସୁଦୃଢ଼ କରୁଛୁ
ଓଡ଼ିଶାରେ 1 ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ
ପ୍ରତିଷ୍ଠା ପରଠାରୁ ଓଡ଼ିଶାରେ 5 ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
20,000 ରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ସୁଯୋଗ ସୃଷ୍ଟି
ଦେଶ୍ କୀ ଜରୁରତୋ କେ ଲିୟେ


75 Azadi Ka Amrit Mahotsav
SMILES
TO A MILLION
ENERGY SECURITY
TO A BILLION
MCL
MAHANADI COALFIELDS LIMITED
(A Govt. of India Undertaking & Subsidiary of Coal India Limited)
Jagruti Vihar, Burla, Dist: Sambalpur-768020 (Odisha)
Enabling Ease of Living...
www.mahanadicoal.in | @mahanadicoal




## ଭୁବନେଶ୍ୱରରେ 'ଦ ଫ୍ୟାଶନ୍ ଫିଏଷ୍ଟା ୩.୦' ପ୍ରି-ଦିବାଲି ଫ୍ଲି ମାର୍କେଟ୍ ଉତ୍ସବ ଆରମ୍ଭ

ଭୁବନେଶ୍ୱର (ସବ୍ୟୁ): ଦ ଫ୍ୟାଶନ୍ ଫିଏଷ୍ଟା ୩.୦ ଅନୁଷ୍ଠାନଟି 'ମାସ୍କ ଗର୍ଲ୍ସ' ଦ୍ୱାରା ଆୟୋଜିତ, ଯାହାର ପଛରେ ରହିଛନ୍ତି ଚାରିଜଣ ଯୁବ ଓ ପ୍ରତିଭାଶାଳୀ ମହିଳା ଉଦ୍ୟମୀ ଶ୍ରୀମତୀ ମୋନିକା ସିଂଘି, ଅଂଶିକା ଭୁରା, ସୋନମ କୋଚର ଓ ଖୁସବୁ ଭୁରା। ଏହି ଚାରିଜଣ ଉଦ୍ୟମୀ ନିଜ ଉଦ୍ୟମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତାକୁ ଆଗେଇନେବା ପାଇଁ ସର୍ବଦା ଚେଷ୍ଟାରତ। ଦ ଫ୍ୟାଶନ୍ ଫିଏଷ୍ଟା ୩.୦ ହେଉଛି ଭୁବନେଶ୍ୱରର ସବୁଠାରୁ ବଡ଼ ପ୍ରି-ଦିବାଲି ଶପିଂ ଉତ୍ସବ, ଯେଉଁଠି ଫ୍ୟାଶନ୍, ଲାଇଫ୍‌ଷ୍ଟାଇଲ୍ ଓ କଳାର ଏକ ଜୀବନ୍ତ ସମିଶ୍ରଣ ଦେଖାଯିବ। ଏହି ଉତ୍ସବରେ ଭାରତର ଶୀର୍ଷ ସ୍ଥାନୀୟ ବ୍ରାଣ୍ଡମାନେ ତାଙ୍କ ଉତ୍କୃଷ୍ଟ ପ୍ରସ୍ତୁତି ନେଇ ଯୋଗ ଦେଇଛନ୍ତି। ଏହି ଆୟୋଜନ ମୁଖ୍ୟ — ଦିବାଲି ସପିଂ ଫିଏଷ୍ଟା ପ୍ରଦର୍ଶନୀ ଦୁଇଦିନ ଧରି ଚାଲିବ ୭ ଓ ୮ ଅକ୍ଟୋବର ୨୦୨୫ ହୋଟେଲ୍ ମେଫେୟାର ଠାରେ । ଏହି ପ୍ରଦର୍ଶନୀ କୁ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ ।




KEONJHAR DISTRICT TRUCK OWNER'S ASSOCIATION
AT./ P.O. : KEONJHAR - 758001 (ODISHA)
Regd. No. 18935/18 1984-85
E-mail : kdtoakjr@gmail.com

We not only run Trucks
We run an Economy.
AND

PROVIDES TO THE SOCIETY :-
- Two bedded special Cabin at District Head Quarter Hospital.
- Special Cabin at Ghasipura, Barapada & Hatadihi P.H.C., 2 nos of Special Cabin at Barapada & Haraichandanpur P.H.C.
- 7 Nos. of ambulance 24 Hours served from Dist. Head Quarter, Anandapur, Patna, Barapada, Hatadihi & Telkoi area.
- Corpse Carrying - 2 Nos. of MAHAYATRA Vehicle at Keonjhar & Anandapur Area.
- 3 Nos. of Crain Service (For Keonjhar & Anandapur Area)
- Drinking water supply through overhead tank at Dhenkikote.
- Maa Tarini Kalyan Mandap at Ghatgaon & Jhadeswar Kalyan Mandap at Ghasipura.
- Service provided during natural calamities.
- Purified Drinking Water facility provided for General People in-front of KDTOA Office.
- Purified Drinking Water facility provided for Advocates & General People inside the BAR Association, Keonjhar.
- Purified Drinking Water facility provided for General People at Sri Baladev Jew Temple, Old Town Keonjhar
- Purified Drinking Water facility provided for General People at Dhenkikote, Deogaon & Hatadihi.
- Indoor Game facilities for our members has been providing within association campus.
- Providing financial assistance for medical treatment & death case to our Members.
- Financial assistance for development of mines affected area at Suakati, Keonjhar
- Financial Aid for medical treatment to Poor people & many more.


Mr. Padmalochan Sahoo, President
Mr. Pradeep Kumar Barik, General Secretary
Mr. Rudra Narayan Mishra, Treasurer
Mr. Nisith Ranjan Pattanaik, Mr. Debadatta Nayak, Vice-President
Mr. Ayashkanta Pattanayak, Mr. Debasis Pattanaik, Joint-Secretary

EXECUTIVE BODY MEMBERS
1. Mr. Sunil Kumar Barik
2. Mr. Sushanta Giri
3. Mr. Tapan Kumar Barik
4. Mr. Debaprasad Prusty
5. Mr. Bijay Kumar Barik
6. Mr. Bikash Kumar Jena
7. Mr. Pratap Chandra Sahoo
8. Mr. Anirudha Sahoo
9. Mr. Manoranjan Sahoo
10. Mr. Kulamani Sahoo
11. Mr. Bibhuranjan Palei
12. Mr. Rabindra Kumar Puhan
13. Mr. Subrat Kuanr
14. Mr. Uttam Kumar Khatua
15. Mr. Dillip Kumar Bal

## ଆଇନ୍‌ଶୃଙ୍ଖଳା ସ୍ଥିତି ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର : ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ଉତ୍ସବ ପରିବେଶ ମଧ୍ୟରେ ଭୟର ବାତାବରଣ ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବି ପୀତବାସ ପଣ୍ଡାଙ୍କୁ ଯେପରି ଗୁଳି କରି ହତ୍ୟା କରାଗଲା, ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖ ଦାୟକ। ଦୁଃଖରେ ଭାଙ୍ଗିପଡିଥିବା ପରିବାର ବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ, ଏହି ଭଳି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଛି। ରାଉରକେଲାରେ ଦୁଷ୍କର୍ମ, କଣାସରେ ଲକ୍ଷ୍ମୀ ବସ ଭିତରେ ଅଭାବନୀୟ କାଣ୍ଡ ସାଙ୍ଗକୁ, ବାଲେଶ୍ୱରରେ ରାତିକାଳୀନ କଟକଣା ସହ ଭାଇଚାରା ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତା ଜନକ।










Dalmia
Bharat Group
HOLLONGI AIRSTRIP
ARUNACHAL PRADESH
DHOLA SADIYA BRIDGE
ASSAM
SHUTTLE BY DALMIA BHARAT
ODISHA
SALT LAKE STADIUM
WEST BENGAL
BHARAT
STANLEY RESERVOIR
TAMIL NADU
NEW PAMBAN BRIDGE
TAMIL NADU
JAHAN SAPNE HAIN
WAHAN MAIN HOON
For more than eight decades, Dalmia Bharat has played a vital role in building the nation, contributing to the strength and spirit of India's infrastructure. From homes that hold memories, to stadiums that echo with victory, from bridges that connect lives to airstrips that power progress. Our cement is part of India's everyday journey.
With a deep commitment to quality and innovation, we create resilient structures that not only stand strong today but are built to serve the needs of tomorrow. We don't just build structures, we build legacies for future generations.


MINISTRY OF PORTS, SHIPPING AND WATERWAYS
SAGARMALA
ପଣ୍ୟ କାରବାରେ
ଇତିହାସ ରଚିଲା
ପାରାଦୀପ ବନ୍ଦର
1
ବଜାୟ ରଖିଲା
ଭାରତର ୧ନମ୍ବର ସ୍ଥାନ
୨୦୨୪-୨୫ ଆର୍ଥିକ
ବର୍ଷରେ ନୂଆ ରେକର୍ଡ
୧୫୦. ୪୧
ନିୟୁତ ମେଟ୍ରିକ ଟନ୍
ପାରାଦୀପ ବନ୍ଦର ପ୍ରାଧିକରଣ
ପାରାଦୀପ ବନ୍ଦର, ଜଗତସିଂହପୁର, ପାରାଦ୍ୱୀପ-୭୫୪୧୪୨
ParadipPort ParadipPortAuthority ParadipPortAuthority
ParadipPortAuthority Paradip-Port-Authority www.paradipport.gov.in


ସୁଭଦ୍ରା
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ମହିଳା ଓ ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ
ପ୍ରତିଶ୍ରୁତିବଦ୍ଧ ଓଡ଼ିଶା ସରକାର
ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ ସୁଭଦ୍ରା
• ପ୍ରତିବର୍ଷ ପ୍ରତି ଯୋଗ୍ୟ ମହିଳାଙ୍କୁ ଦୁଇ କିସ୍ତିରେ ୧୦,୦୦୦ ଟଙ୍କା ହିସାବରେ ପାଞ୍ଚ ବର୍ଷରେ ୫୦,୦୦୦ ଟଙ୍କାର ସହାୟତା ବ୍ୟବସ୍ଥା
• ଅଦ୍ୟାବଧି ୧ କୋଟି ମହିଳାଙ୍କୁ ତିନି କିସ୍ତିରେ ୧୫,୦୦୦ କୋଟି ଟଙ୍କା ଆବଣ୍ଟିତ
• ପାଞ୍ଚ ବର୍ଷ ପାଇଁ ୫୫,୦୦୦ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା
ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ
• ଆଦ୍ୟ ଶୈଶବ ଶିକ୍ଷା ଓ ଯତ୍ନ
• ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ବିବିଧ ସୁବିଧା ସୁଯୋଗ ସହ ପୋଷଣ ମାସ ପାଳନ ଭଳି ବିଭିନ୍ନ କାର୍ଯ୍ୟକ୍ରମ
• ପ୍ରତ୍ୟେକ ମାସରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଓଜନ ଓ ଉଚ୍ଚତା ପରୀକ୍ଷଣ
• ୬ ମାସ ରୁ ୩ ବର୍ଷର ଶିଶୁଙ୍କୁ ପୁଷ୍ଟିକର ଶୁଖିଲା ଖାଦ୍ୟ ଏବଂ ୩-୬ ବର୍ଷର ଶିଶୁଙ୍କୁ ସକାଳ ଜଳଖିଆ ଓ ଗରମ ରନ୍ଧାଖାଦ୍ୟ ପ୍ରଦାନ
କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା
• ୧୫-୧୯ ବର୍ଷର କିଶୋରୀମାନଙ୍କୁ ଶୁଖିଲା ଖାଦ୍ୟର ବ୍ୟବସ୍ଥା
• ୧୦-୧୯ ବର୍ଷର କିଶୋରୀମାନଙ୍କୁ ରକ୍ତହୀନତାର ନିରାକରଣ ପାଇଁ IFA ବଟିକା ପ୍ରଦାନ
• ପ୍ରତ୍ୟେକ ଶନିବାର ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅଦ୍ୱିକା
ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ହିତରେ
• ୨୨୦ ଟି ଶିଶୁ ଯତ୍ନ ଅନୁଷ୍ଠାନ
• ଯଶୋଦା ଯୋଜନା ଅନ୍ତର୍ଗତ ବୈଷୟିକ ଶିକ୍ଷା ନିମନ୍ତେ ସହାୟତା
• ଦକ୍ଷତା ବୃଦ୍ଧି ତାଲିମ ନିମନ୍ତେ ସହାୟତା
ସୁରକ୍ଷିତ ମାତୃତ୍ୱ ଏବଂ ଶିଶୁ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ତଥା ସୁପୋଷଣ ପାଇଁ
• ମମତା ଓ ପିଏମ୍ ମାତୃ ବନ୍ଦନା ଯୋଜନା ଏକୀକୃତ
• କନ୍ୟା ସନ୍ତାନ ଜନ୍ମରେ ୧୨,୦୦୦ ଏବଂ ପୁତ୍ର ଜନ୍ମରେ ୧୦,୦୦୦ ଟଙ୍କାର ସହାୟତା
• ଗର୍ଭବତୀ ଓ ପ୍ରସୂତିମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅଙ୍ଗନୱାଡ଼ି ମାଧ୍ୟମରେ ପୁଷ୍ଟିକର ଶୁଖିଲା ଖାଦ୍ୟ ପ୍ରଦାନ
ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପାଇଁ ସମର୍ପିତ
• ରାଜ୍ୟ ମହିଳା ଆୟୋଗ
• ପାରିବାରିକ ସମସ୍ୟାର ସମାଧାନ
• ଶକ୍ତି ସଦନରେ ଅସହାୟ ମହିଳାଙ୍କୁ ଆଶ୍ରୟ
• ୱାନ ଷ୍ଟପ ସେଣ୍ଟରରେ ପରାମର୍ଶ ଓ ଅନ୍ୟାନ୍ୟ ସହାୟତା
ମହିଳା ଓ ଶିଶୁ, ସୁସ୍ଥ ସୁରକ୍ଷିତ
ସମୃଦ୍ଧ ରାଜ୍ୟ, ରାଷ୍ଟ୍ର ବିକଶିତ
ସହାୟତା ନମ୍ବର
ପୋଲିସ୍ ହେଲ୍ପ ଲାଇନ ୧୧୨
ମହିଳା ହେଲ୍ପ ଲାଇନ ୧୮୧
ଚାଇଲ୍ଡ ହେଲ୍ପ ଲାଇନ ୧୦୯୮
ସୁଭଦ୍ରା ହେଲ୍ପ ଲାଇନ ୧୪୬୭୮
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
DSPL-306
OIPR: 33001/13/0124/2526


DSPL-275
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଗୋପାଳକଙ୍କ ପାଇଁ
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
ଆର୍ଥିକ ସହାୟତା
• ଗୋପାଳନ ଓ ମଇଁଷିପାଳନ ପାଇଁ ୬୦ ରୁ ୭୦ ପ୍ରତିଶତ ରିହାତି
• ଗାଈମଇଁଷିଙ୍କ ବୀମାକରଣ ପାଇଁ ୮୫ ପ୍ରତିଶତ ରିହାତି
• ଦୁଗ୍ଧ ଉତ୍ପାଦନ ଅଭାବୀ ସମୟରେ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପ୍ରତି ଅତିରିକ୍ତ ୫ ଟଙ୍କା ପର୍ଯ୍ୟନ୍ତ ସହାୟତା
• ଘାସଚାଷ ପାଇଁ ଏକର ପ୍ରତି ୩୫,୦୦୦ ଟଙ୍କାର ସହାୟତା ଏବଂ ୨ ଲକ୍ଷ ମିନିକିଟ୍ ବିନା ଦେୟରେ ବଣ୍ଟନ
• ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତିରେ ଦାନା ଯୋଗାଣ
• ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗୋପାଳନ ପାଇଁ ୧୫ ପ୍ରତିଶତ ଅତିରିକ୍ତ ରିହାତି
ଅଧିକ ସୂଚନା ପାଇଁ 8280910944 କିମ୍ବା
ଦେୟମୁକ୍ତ ନମ୍ବର 155333 ରେ ଯୋଗାଯୋଗ କରନ୍ତୁ ।
ସହାୟତା ପାଇବାକୁ sugam.odisha.gov.in ରେ ଆବେଦନ କରନ୍ତୁ
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in
Follow us farddepartment farddepartment farddepartment @farddepartment
OIPR: 06014/13/0061/2526

## ସଂରକ୍ଷିତ ଜଙ୍ଗଲରୁ କଟିଲା ଶହ ଶହ ଗଛ

# ରେଞ୍ଜ ଅଫିସ ଆଗରେ ଧାରଣା ଦେଲେ ଗ୍ରାମବାସୀ



ପଦ୍ମପୁର,(ସବ୍ୟୁ): ସାରା ରାଜ୍ୟରେ ବର୍ତ୍ତମାନ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ସରି ନ ଥିବା ବେଳେ ଝାରବନ୍ଧ ବନ ବିଭାଗ ଅଧିନସ୍ଥ କୁର୍ଲୁପାଲି ଭଣ୍ଡାରପୁରୀ ମଧ୍ୟରେ ଥିବା ସଂରକ୍ଷିତ ଜଙ୍ଗଲରୁ କୁର୍ଲୁପାଲି ସରପଞ୍ଚଙ୍କ ସ୍ବାମୀ ତଥା ପୂର୍ବତନ ସରପଞ୍ଚ ତୁକରାମ ପଟେଲ ବେଆଇନ ଭାବେ ଗଛ କାଟି ନଷ୍ଟ କରିଥିବାର ଅଭିଯୋଗ ହୋଇଛି । ଏ ଘଟଣାକୁ ନେଇ ଜଙ୍ଗଲ ସୁରକ୍ଷା କମିଟି ତଥା ଗ୍ରାମବାସୀ ବନ ବିଭାଗ, ଜିଲ୍ଲା ପ୍ରଶାସନଙ୍କୁ ଅଭିଯୋଗ କଲାପରେ ମଧ କୌଣସି ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ମଙ୍ଗଳବାର ପାଇକମାଲ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ପୂର୍ବତନ ସରପଞ୍ଚ ତୁକରାମ ପଟେଲ ଗ୍ରାମ୍ୟ କମିଟି ତଥା ଜଙ୍ଗଲ ସୁରକ୍ଷା କମିଟି କୁ ବେଖାତିର କରି ବେଆଇନ ଭାବେ ଶହ ଶହ ଗଛ କାଟି ନେଇଛନ୍ତି । ଜଙ୍ଗଲ ବିଭାଗ ର କୌଣସି ନୀତି ନିୟମକୁ ଭୟ ନ କରି ଏପରି କାଣ୍ଡ କରିଥିବାର ଧାରଣକାରୀ କହିଛନ୍ତି । ଅନ୍ୟପଟେ ବନ ବିଭାଗ ଗଛ କଟାକୁ ନେଇ ହାରାହାରି ଦୁଇ ମାସ ବିତି ଯାଇଥିଲେ ସୁଦ୍ଧା ଜଙ୍ଗଲରେ କଟିଥିବା ସମସ୍ତ ଗଛ , ଗଛକୁ ଅଣାଯାଇଥିବା ଯାନକୁ ଜବତ ନ କରିବା ଏବଂ କ୍ଷମତାଶାଳୀ ବ୍ୟକ୍ତି ବୋଲି ତୁକରାମ ପଟେଲଙ୍କୁ ଛାଡ଼ି ଦେଇଥିବାରୁ ବନ ବିଭାଗପ୍ରତି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଗଣଧାରଣାରେ କୁର୍ଲୁପାଲି ଗ୍ରାମର ହୃଦାନନ୍ଦ ପଟେଲ, ଭରତ ମହାନନ୍ଦ, କେଶବ ସାହୁ , ସୁରେଶ ସାହୁ, ଶ୍ୟାମଲାଲ ବାରିକ, ଗୋବର୍ଦ୍ଧନ ପ୍ରଧାନଙ୍କ ସହିତ ଶତାଧିକ ମହିଳା ପୁରୁଷ ଗଣଧାରଣାରେ ବସିଥିଲେ । ଏହାକୁ ସମର୍ଥନ କରି ଝାରବନ୍ଧ ପୂର୍ବତନ ବ୍ଲକ ଅଧକ୍ଷ ବିଜୟକେତନ ପ୍ରଧାନ ସମର୍ଥନ ଜଣାଇ ଧାରଣାରେ ବସିଥିଲେ। ଧାରଣା ସ୍ଥଳକୁ ପାଇକମାଲ ରେଞ୍ଜର ହୃଦାନନ୍ଦ ମିଶ୍ର ଆସି ଧରଣାକାରୀଙ୍କ ସହ ଆଲୋଚନା କରି ପ୍ରାଥମିକ ତଦନ୍ତ ସରିଛି, ୮୦ ଗୋଟି ଗଛ ଜବତ କରାଯାଇଛି, ବନ ବିଭାଗର ଆଇନ ଅନୁଯାୟୀ ପ୍ରାଥମିକ ତଦନ୍ତ ପ୍ରକ୍ରିୟା ଜାରି ରହିଛି । ଚଳିତ ଅକ୍ଟୋବର ୧୦ ତାରିଖ ଦିନ ଧାରଣାକାରୀଙ୍କ ଅଭିଯୋଗ ମୁତାବକ ଏକ ସ୍ୱତନ୍ତ୍ର ଟିମ ଗଛ କଟାଯାଇଥିବା ସଂରକ୍ଷିତ ଜଙ୍ଗଲକୁ ଯାଇ ତଦନ୍ତ କରାଯାଇ ଆଇନ ଅନୁଯାଇ ଦୋଷୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶୃତି ପରେ ଧାରଣାରୁ ଉଠିଥିଲେ ।

# ରୋଜଗାର ଓ ନିଯୁକ୍ତିରେ ସହାୟକ ହେବ ପର୍ଯ୍ୟଟକ ଆତିଥ୍ୟ ଯୋଜନା



ସମ୍ବଲପୁର,(ସବ୍ୟୁ): କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସମ୍ବଲପୁରର ବେଶ ସ୍ୱତନ୍ତ୍ରତା ରହିଛି । ସମ୍ବଲପୁରୀ ଶାଢ଼ୀ ଏହାକୁ ଅଧିକ ରଙ୍ଗିମନ୍ତ କରିଛି । ଏସିଆର ସର୍ବବୃହତ୍ ନଦୀବନ୍ଧ ହୀରାକୁଦ ମଧ୍ୟ ଏହି ଅଞ୍ଚଳର ପରିଚୟ ବୃଦ୍ଧିରେ ବେଶ ସହାୟକ ହୋଇପାରିଛି । ତେବେ ପ୍ରାକୃତିକ ପରିବେଶ ମଧ୍ୟରେ ଅନେକ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଫଳରେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପାଦ ସମ୍ବଲପୁରରେ ପଡୁଛି । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରରେ ହୋଟେଲ, ରେଷ୍ଟୁରାଣ୍ଟ ଆଦି ଶିଳ୍ପ ଗଢ଼ି ଉଠିଛି । ପର୍ଯ୍ୟଟକଙ୍କୁ ଉତ୍ତମ ଆତିଥ୍ୟ ପ୍ରଦାନ କରିବାରେ ଏସବୁ ସହାୟକ ହେଉଛି । ତେବେ ବଣ, ପାହାଡ଼, ଝରଣାରେ ପରିପୂର୍ଣ୍ଣ ଥିବା ଅନେକ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ପରେ ପୁଣି ପର୍ଯ୍ୟଟକଙ୍କୁ ରହଣୀ ପାଇଁ ସହରକୁ ଆସିବାକୁ ପଡୁଛି । ପ୍ରାକୃତିକ ପରିବେଶ ମଧ୍ୟରେ ରାତ୍ରି ଯାପନ ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ଅନେକ ପର୍ଯ୍ୟଟକ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିଲେ । ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକ ଆତିଥ୍ୟ ପ୍ରଦାନ ଯୋଜନା(ହୋମ ଷ୍ଟେ ପଲିସି) ଆରମ୍ଭ କରିବାକୁ ଯାଉଛି । ଏହାଦ୍ୱାରା ପର୍ଯ୍ୟଟକ ମାନଙ୍କୁ ଘରେ ରଖି ଆତିଥ୍ୟ ପ୍ରଦାନ କରିହେବ । ଏହାଦ୍ୱାରା ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ । ଫଳରେ ସ୍ଥାନୀୟ ଲୋକଙ୍କୁ ରୋଜଗାର ଓ ନିଯୁକ୍ତି ମିଳିବ ।

ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ହୋମ ଷ୍ଟେ ପଲିସିକୁ ବେଶ ସଫଳତା ମିଳିଛି । ଏହାପରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସମ୍ବଲପୁରରେ ଏହାକୁ ସଫଳ ରୂପାୟନ କରିବା ପାଇଁ ଯୋଜନା ଆରମ୍ଭ କରିଛି । ପ୍ରାଥମିକ ପର୍ଯ୍ୟାୟର ଜିଲ୍ଲାର କେତୋଟି ପର୍ଯ୍ୟଟନ ସ୍ଥଳକୁ ଚୟନ କରାଯାଇଛି । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ଗୁଦ୍‌ଗୁଦା ଜଳପ୍ରପାତ, ନାକଟିଦେଉଳ ବ୍ଲକ ଘୁଷୁରାମାଳ ଅଞ୍ଚଳରେ ଥିବା ଐତିହାସିକ ସ୍ଥଳୀ ଭୀମ ମଣ୍ଡଳୀକୁ ବଛାଯାଇଛି । ଗୁଦ୍‌ଗୁଦାର ସାଲେଭାଡ଼ି ଓ ଭୀମମଣ୍ଡଳୀର ଘୁଷରାମାଳ, ନାକଟିଦେଉଳ ଓ ଶିମିଳିପାଳ ପଞ୍ଚାୟତକୁ ପ୍ରାଥମିକ ଭାବେ ଚିହ୍ନଟ କରାଯାଇଛି । ଏହି ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ମାନେ ଆଗ୍ରହୀ ହେବେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ । ସେମାନେ ନିଜ ଘର ପାଖରେ ହୋଟେଲ ଷ୍ଟାଇଲରେ ୨ରୁ ୬ଟି ପର୍ଯ୍ୟନ୍ତ ରୁମ ତିଆରି କରିପାରିବେ । ରୁମର ନିର୍ମାଣ , ଭିତର ଡିଜାଇନ ଓ ସାଜସଜ୍ଜାର ଖର୍ଚ୍ଚର ୩୦ପ୍ରତିଶତ ପର୍ଯ୍ୟଟନ ବିଭାଗ ବହନ କରିବ । ପର୍ଯ୍ୟଟକଙ୍କ ଠାରୁ ଯାହା ଆଦାୟ ହେବ ସେସବୁ ଘର ମାଲିକ ରଖିବେ । ପର୍ଯ୍ୟଟନ ବିଭାଗକୁ କିଛି ଦେବାକୁ ପଡିବ ନାହିଁ । ଏହାଦ୍ୱାରା ପର୍ଯ୍ୟଟକ ମାନେ ନିଜକୁ ଅଧିକ ସୁରକ୍ଷିତ ମଣିବେ । ଘର ମାଲିକ ମାନେ ଗାଇଡ଼ ଭାବେ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଭଲ ଭାବେ ବୁଲେଇ ଆଣିପାରିବେ ।

ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁରରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି । ପର୍ଯ୍ୟଟକ ମାନେ ଏସବୁ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନୀୟ ଅଞ୍ଚଳର ଖାଦ୍ୟପେୟ, ଚାଲିଚଳନ ଓ ବେଶଭୂଷାକୁ ବେଶ ପସନ୍ଦ କରୁଛନ୍ତି । ଏହି ହୋମ ଷ୍ଟେ ପଲିସି ଦ୍ୱାରା ପର୍ଯ୍ୟଟକ ମାନେ ଏସବୁର ସୁବିଧା ହାତ ପାହାନ୍ତାରେ ପାଇପାରିବେ । ତେବେ ହୁମା ସ୍ଥିତ ବକ୍ର ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଡେବ୍ରିଗଡ ଅଭୟାରଣ୍ୟ, ଗୁଦଗୁଦା ଜଳପ୍ରପାତ, ଭୀମ ମଣ୍ଡଳୀ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖିଣ୍ଡା, ଉଷାକୋଠୀ ଅଭୟାରଣ୍ୟ, ସମ୍ବଲପୁର ଚିଡିଆଖାନା, ରାଣୀ ବଖରି, କନ୍ଧରା ପୀଠ, ଐତିହାସିକ ଟାଉନ ହଲ୍, ଓ ଗୋପାଳଜୀ ମଠ ଆଦି ରହିଛି । ଏହା ବ୍ୟତିତ ଚିପିଲିମାର ମାଁ ଘଣ୍ଟେଶ୍ୱରୀ, ହୀରାକୁଦ ନଦୀବନ୍ଧ, ଗାନ୍ଧୀ ମୀନାର ଓ ନେହେରୁ ମୀନାର, ରୋପ୍-ୱେର ମଜା ପର୍ଯ୍ୟଟକ ମାନେ ନେଇ ପାରିବେ । ତେବେ ଏସବୁ ପର୍ଯ୍ୟଟନୀ ସ୍ଥଳୀ ବୁଲିବା ପାଇଁ ପର୍ଯ୍ୟଟକଙ୍କୁ ଅତିକମ୍‌ରେ ୩ରୁ ୫ଦିନ ରହଣୀ କରିବାକୁ ପଡିବ । ଫଳରେ ଏସବୁ ସ୍ଥାନ ବୁଲି ଦେଖିବା ସହ ସେମାନେ ପ୍ରକୃତିର ମଜା ନେଇ ପାରିବେ । ସୂଚନାଯୋଗ୍ୟ, ଗତବର୍ଷ ସମ୍ବଲପୁରକୁ ୭ଲକ୍ଷ୪୧ହଜାର୯୧୩ ଜଣ ଘରୋଇ ଓ ୧ହଜାର୬୭ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିଲେ । ସେହିପରି ହୀରାକୁଦକୁ ୫ଲକ୍ଷ୩୨ହଜାର୨୬୫ଘରୋଇ ଓ ୩୧୫ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ଅନ୍ୟ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ମଧ୍ୟ ଲକ୍ଷାଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା ।

# ବେଲୁନ୍ ବିକାଳି ହତ୍ୟା ମାମଲା : ଦୁଇ ଅଭିଯୁକ୍ତ ଗିରଫ

କୁଚିଣ୍ଡା, (ସବ୍ୟୁ): ଘଟଣାର ୫ଦିନ ପରେ ବେଲୁନ ବିକାଳୀ ହତ୍ୟା ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ସମବାର ସନ୍ଧ୍ୟାରେ ଗିରଫ୍ କରି ଏସ୍‌ଡିଏମ୍‌ଙ୍କ କୋର୍ଟକୁ ଚାଲାଣ କରିଛନ୍ତି । ମୃତକ ସ୍ତ୍ରୀ ବିଷ୍ଣୁ ରଜତ ଆଭିଯୋଗ କ୍ରମେ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧) ୧୨୬(୨) ୧୧୫ (୨) ୧୧୫ (୨) ୩(୫)ଏକ ମାମଲା ରୁଜ୍ଜୁ କରିଏତଲା ନଂ ୨୭୯ / ୨୫ଗୁଜ୍ଜୁ କରି ପୋଲିସ ରାମଲାଲ ଅଗ୍ରୱାଲକୁ ଅଟକ ରଖି ପଚରାଉଚରା କରୁଥିଲେ। ସମ୍ବଲପୁର ସାଇଣ୍ଟିଫିକ ଟିମର ତଦନ୍ତ ରିପୋର୍ଟ ମୃତଦେହ ବ୍ୟବଛେଦ ରିପୋର୍ଟ ସହ, ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପରେ, ସଂପୃକ୍ତ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ପରେ ଏସ୍‌ଡିଜେମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ତାଙ୍କର ଜାମିନ୍ ନାମଞ୍ଜୁର ହେବାପରେ, ଉପଖଣ୍ଡ ଜେଲ ହାଜତକୁ ପଠାଯାଇଛନ୍ତି। ସେମାନେ ହେଲେ କୁଚିଣ୍ଡା ଏନ୍‌ଏସି ୬ ନମ୍ବର ନିବାସୀ ବାସିନ୍ଦା ରାମଲାଲ ଅଗ୍ରୱାଲ (୪୭) ଓ କୁଚିଣ୍ଡା ପଞ୍ଚମୁଖି ଛକର ପଙ୍କଜ ଅଗ୍ରୱାଲ(୪୫)ଙ୍କୁ କୋର୍ଟ ଚାଲାଣ କରିଥିଲା ପୋଲିସ । ଅନ୍ୟ ସମ୍ପୃକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ୍ କରାଯିବ ବୋଲି ଆଇଆଇସି ବାମଦେବ ଶମ୍ଭୁଆଳ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ମୃତ ଗୁଡ୍ଡୁ ରଜତ ଦୀର୍ଘ ବର୍ଷ ହେବ ସପରିବାର ଶୁଶୁର ଘର ଗସ୍ତରୁ ଟୁଆଁ ପଞ୍ଚାୟତ ବନ୍ଧ ପାଲି ଗ୍ରାମରେ ରହି ଆସୁଥିଲେ। ପାଖ ଆଖରେ ଯାତ୍ରା ଅନୁଷ୍ଠାନ ମାନଙ୍କରେ ବେଲୁନ ବେପାର କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ।ତାରିଖ ଦିନ କୁଚିଣ୍ଡା ଦଶହରାକୁ ଆସି ବେଲୁନ ବିକ୍ରି ବେଳେ,ପଙ୍କଜ ଅଗ୍ରୱାଲ ସହିତ ବଚସା ହୋଇଥିଲା । ପରେ ସଂଘବଦ୍ଧ ଆକ୍ରମଣରେ ସେ ସଜ୍ଞାହୀନ ହୋଇ ତଳେ ଲୋଟି ପଡିଥିଲା। ପୋଲିସ ସହାୟତାରେ ତାଙ୍କୁ ନେଇ କୁଚିଣ୍ଡା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶୁକ୍ରବାର ଭୋର ୫ଘଣ୍ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା ।

## ହଜିଯାଇଥିବା ସାମଗ୍ରୀକୁ ଫେରାଇଲେ ଅଟୋ ଚାଳକ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲାରୋଡ ନିବାସୀ ଦିବାକର ବେହେରା ସହ ତାଙ୍କ ପରିବାର ଗତ ୨ ଅକ୍ଟୋବର ଦିନ କୌଣସି କାମରେ ଭବାନୀପାଟଣା ଆସିଥିଲେ । କାମ ସାରି ଭବାନୀପାଟଣା ବସଷ୍ଟାଣ୍ଡକୁ ଏକ ଅଟୋ ରେ ଆସି ଓହ୍ଲାଇବା ସମୟରେ ତାଙ୍କ ବ୍ୟାଗଟି ଭୁଲିଯାଇଥିଲେ । ସହରର ବିଭିନ୍ନ ସିସି ଟିଭି ଯାଞ୍ଚ କରିବା ପରେ ମଧ ବ୍ୟାଗର କୌଣସି ପତ୍ତା ମିଳିନଥିଲା । ଅଟୋ ଚାଳକ ଉକ୍ତ ବ୍ୟାଗରୁ ଏକ ମୋବାଇଲ ବିଲରୁ ମୋବାଇଲ ନମ୍ବର ସଂଗ୍ରହ କରି ନର୍ଲା ଚାରିଛକରେ ଥିବା କଭର ୱାଲଡ଼ ମୋବାଇଲ ଦୋକାନର ମାଲିକଙ୍କୁ ଯୋଗାଯୋଗ କରିଥିଲେ । ସୋମବାର ସନ୍ଧ୍ୟା ସମୟରେ ମୋବଇଲ ଦୋକାନୀ ଶ୍ରୀ ବେହେରା ଉକ୍ତ ବିଷୟରେ ଜଣାଇ ଅଟୋ ଚାଳକଙ୍କୁ ଯୋଗାଯୋଗ କରିବାରୁ ଅଟୋ ଚାଳକ ଜଣକ ନର୍ଲା ଥାନା କମର୍ଦ୍ଧା ଗ୍ରାମପଞ୍ଚାୟତ ମୁଣ୍ଡା ଗାଁ ର ହେମନ୍ତ ପୁଝାରୀ ବୋଲି ଜଣା ପଡିଥିଲା । ବ୍ୟାଗକୁ ତାର ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି ଅଟୋ ଚାଳକ । ଅଟୋ ଚାଳକଙ୍କ ମହାନତା ପାଇଁ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି ।

## ଦେଶୀ ପିସ୍ତଲ ସହ ଦୁଇ ଡକାୟତ ଗିରଫ

ବରଗଡ଼,(ସବ୍ୟୁ) : ଦେଶୀ ପିସ୍ତଲ ସହ ଗିରଫ ହେଲେ ଡକାୟତ ଗ୍ୟାଙ୍ଗ ର ଦୁଇ ସଦସ୍ୟ । ଗିରଫ ଅଭିଯୁକ୍ତ କେନ୍ଦ୍ରାପଡା ଜୟପୁରାର ଏସକେ ୱାହିଦ ଏବଂ ସୋନପୁର ଜିଲ୍ଲା ବ୍ରାହ୍ମଣି ପାଲିର ତନ୍ମୟ ବାଗ ବୋଲି ବରଗଡ଼ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ପୋଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ବରଗଡ଼ ପୋଲିସ ଗୋଟିଏ ଦେଶୀ ପିସ୍ତଲ , ଗୋଟିଏ ଖାଲି ମାଗାଜିନ , ୪ ଗୁଳି, ୩ ଟି ଖାଲି ଖୋକା ଓ ୩ ଟି ମୋବାଇଲ ଜବତ କରିଛି । ବରଗଡ଼ ଅମ୍ବାପାଲି ଜୀରା ବ୍ରିଜ ନିକଟରେ ଅଭିଯୁକ୍ତମାନେ ହାଇୱେରେ ଡକାୟତି କରିବା ନେଇ ଯୋଜନା କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିବା ସହ ଡକାୟତ ଗ୍ୟାଙ୍ଗ ଦୁଇ ସଦସ୍ୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ସେହିପରି ଘଟଣାସ୍ଥଳରୁ ଡକାୟତ ଗ୍ୟାଙ୍ଗର ୩ ଜଣ ସଦସ୍ୟ ଫେରାର ହୋଇଯାଇଥିବା ପୋଲିସ କହିଛି । ଗିରଫ ଅଭିଯୁକ୍ତଙ୍କ ନାମରେ କେନ୍ଦ୍ରାପଡା, ସମ୍ବଲପୁର,ଅଇଁଠାପାଲି, ବରଗଡ଼ , ପୁଇଁତଲା ଥାନାରେ ପୂର୍ବରୁ ମାମଲା ରହିଥିବା ଏଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ସମଲେଶ୍ୱରୀ ଆଧାତ୍ମିକ ସମ୍ମିଳନୀ ପାଇଁ କମିଟି ଗଠିତ



ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ପାଛ ନିବାସ ସମଲେଶ୍ୱରୀ ବିଶ୍ୱ ଚେତନା ସଂସଦ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ରାଧେଗୋପାଳ ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ମାଁ ସମଲେଶ୍ୱରୀ ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମ୍ମିଳନୀ ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା । ସର୍ବସମ୍ମତିକ୍ରମେ ଡ. ରାଧେଗୋପାଳ ପ୍ରଧାନ ସଭାପତି, କାର୍ତ୍ତିକ ପ୍ରସାଦ ବହିଦାର ଓ ଜଗଦିଶ ପାଣ୍ଡେ ଉପସଭାପତି, ସଞ୍ଜୟ ବାବୁ ସମ୍ପାଦକ, ରାଧାମାଧବ ବହିଦାର ସଙ୍ଗଠନ ସମ୍ପାଦକ, ଡ. ନେପାଳ ପ୍ରଧାନ ଯୁଗ୍ମ ସମ୍ପାଦକ, ଲିଙ୍ଗରାଜ ପ୍ରଧାନ କୋଷାଧ୍ୟକ୍ଷ, ମାନସୀ କର ମହିଳା ସଂଯୋଜିକା, ଓମ୍ ପ୍ରକାଶ ରାଉତ ଯୁବ ସଂଯୋଜକ ଭାବେ ମନୋନିତ କରାଯାଇଛି । ସେହିପରି ଅମରନାଥ ମିଶ୍ର, ଦୀପେନ ପଟ୍ଟନାୟକ, ରତ୍ନାକର ଭୋଇ, ସାବିତ୍ରୀ ପ୍ରଧାନ, ସୁପ୍ରଭା ସାମଲ, ଭାରତୀ ପଣ୍ଡା, ସ୍ନିଗ୍ଧା ପୁରୋହିତ, ଲକ୍ଷ୍ମୀନାରାୟଣ ପଣ୍ଡା, ରାମେଶ୍ୱର ପୁରୋହିତ ଓ ଉପେନ୍ଦ୍ର ମହାପାତ୍ର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି । ତେବେ ଆଗାମୀ ଦିନରେ ଏହି ସମ୍ମିଳନୀ ପାଇଁ ଦିନ ଧାର୍ଯ୍ୟ ଓ ରୂପରେଖ ପ୍ରକାଶ ପାଇବ ।

# କୁଶଙ୍ଗାଇ ପୀଠରେ ଅଘରିଆ ସମାଜ ଟ୍ରଷ୍ଟର କାର୍ଯ୍ୟକ୍ରମ





ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧୀନ କୁଶଙ୍ଗ ଗ୍ରାମର ଅଧିଷ୍ଠାତ୍ରୀ ମା କୁଶଙ୍ଗାଇଙ୍କ ଷୋହଳ ପୂଜାର ସମାପ୍ତି ଅବସରରେ ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ପକ୍ଷରୁ ମାଙ୍କ ଠାରେ ଭୋଗ ସମର୍ପଣ କରି ହଜାର ହଜାର ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ଭୋଗ ବଣ୍ଟନ କରାଯାଇଥିଲା। ମାଙ୍କ ଠାରେ ଜଗତର କଲ୍ୟାଣ ଓ ସମାଜ କଲ୍ୟାଣର ଶୁଭ ମନାସୀ ମୁଖ୍ୟ କର୍ତ୍ତା ଭାବେ ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ଓ ତାଙ୍କ ପତ୍ନୀ ସୀମା ପଟେଲ,ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ଓ ତାଙ୍କ ପତ୍ନୀ ନୀଳକାନ୍ତି ନାଏକ ନିଷ୍ଠାର ସହ ପୂଜା କାର୍ଯ୍ୟ ସମାପନ କରିଥିଲେ । ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ୬୦ ଜଣ ଶ୍ରଦ୍ଧାଳୁ ଭୋଗ ପାଇଁ ସହଯୋଗର ହାତ ବଢ଼ାଇଥିଲେ। କେନ୍ଦ୍ର କମିଟି,ଉପଦେଷ୍ଟା ମଣ୍ଡଳୀ,ଚାରି ମଣ୍ଡଳ ସଭାପତି ଓ କର୍ମକର୍ତ୍ତା,ଅଠର ଗୁଡ଼ି ସଭାପତି ଓ କର୍ମକର୍ତ୍ତା,ମହିଳା ମଞ୍ଚ,ଯୁବା ମଞ୍ଚ ଓ କୃଷକ ମଞ୍ଚ ର ସଭାପତି ଓ କର୍ମକର୍ତ୍ତା,ପୁସ୍ତକ କମିଟି,ନିର୍ମାଣ କମିଟି ଓ ଶିକ୍ଷା କମିଟିର ସମସ୍ତ ସଭ୍ୟ ସମେତ କୁଶଙ୍ଗ ଗୁଡ଼ି ଅଧୀନସ୍ଥ ସମସ୍ତ ଗ୍ରାମ୍ୟ ସଭାପତି ଓ କର୍ମକର୍ତ୍ତା ସହ ଆଖପାଖ ଅଞ୍ଚଳର ଯୁବାକର୍ମି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ । ରାତ୍ରି ପୂଜାରେ ମାଙ୍କ ଦର୍ଶନରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ନିଜ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଗୁହାରୀ କରିଥିଲେ। କୀର୍ତ୍ତନ ଧାରା ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା କମିଟି ଦ୍ୱାରା ଆୟୋଜନ କରାଯାଇଥିଲା । ମନ୍ଦିରର ମୁଖ୍ୟ ପୂଜକ ଖଗେଶ୍ୱର ଦେହୁରୀ,ମନ୍ଦିର କମିଟି ସଭ୍ୟ ବୃନ୍ଦ ସମେତ କୁଶଙ୍ଗ ଗଉଁନ୍ତିଆ ବୃନ୍ଦାବନ ପଟେଲ,ମଣ୍ଡଳ ସଭାପତି ଦୁଷ୍ମନ୍ତ ପଟେଲ,ଗୁଡ଼ି ସଭାପତି କରୁଣା କର ପଟେଲ,ଉପଦେଷ୍ଟା ସଭ୍ୟ ରାଜ କୁମାର ପଟେଲ,ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, କେନ୍ଦ୍ର ସହ ସମ୍ପାଦକ ଆନନ୍ଦ ପଟେଲ,ଉପ ସଭାପତି ଯୁବରାଜ ପଟେଲ ସମେତ କୁଶଙ୍ଗ ଓ ବିର୍କେଲ ଗୁଡ଼ିର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁଭାବେ ସମ୍ପନ୍ନ ହୋଇଥିଲା।

## କାଳୀକୃଷ୍ଣ ସଂଘ ସଭାପତିଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି

କଲମପୁର, (ସବ୍ୟୁ): କାଳୀକୃଷ୍ଣ ସଂଘ ପକ୍ଷରୁ କଳାହାଣ୍ଡି ଜିଲ୍ଲା କଲମପୁରରେ ସଂଘର ପୂର୍ବତନ ସଭାପତି ପ୍ରହଲ୍ଲାଦ ପଣ୍ଡା ( ପୂର୍ଣ୍ଣାନନ୍ଦ ) ଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସେ ଥିଲେ ଜଣେ କର୍ମଠ, ନିରଳସ ସାଧକ, ଶ୍ରୀଗୁରୁଙ୍କ କଥାକୁ ସେ ମନ୍ତ୍ର ଭାବରେ ଗ୍ରହଣ କରି ଶାଖା ସଂଘ ଗସ୍ତ କରି ସଂଘୀୟ ନିୟମ ଅନୁପାଳନ ପାଇଁ କହୁଥିଲେ। ଶ୍ରୀଗୁରୁ ଓ ପରିବାର ପ୍ରତି ଯେତେ ଭକ୍ତି ଓ ସମ୍ମାନ ରହିଥିଲା, ଗୁରୁ ଭାଇମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଥିଲା ଅମାପ, ସଂଘର ସଭାପତି ଭାବରେ ପ୍ରତିଟି କର୍ମକୁ ଯଥାସାଧ ଚେଷ୍ଟା କରିଛନ୍ତି । ସୁନ୍ଦର କରିବା ପାଇଁ, ଏହିପରି ଜଣେ ଆଧାତ୍ମିକବାଦୀ ବ୍ୟକ୍ତିଙ୍କ ବିୟୋଗ ସଂଘ ପାଇଁ ଅପୂରଣୀୟ ହୋଇ ରହିବ ବୋଲି ସଂଘ ପରିଚାଳକ ଜଗଦାନନ୍ଦଜୀ ମହାରାଜ କହିଥିଲେ। ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଏକ ମିନିଟ ନିରବ ପ୍ରାର୍ଥନା ପରେ ଜଗଦାନନ୍ଦଜୀ ସହିତ ସଂଘୀୟ କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହିତ ବିଭିନ୍ନ ଶାଖାର ଶତାଧିକ କର୍ମକର୍ତ୍ତା, ଶିଷ୍ୟ ଶିଷ୍ୟା, ଗଣ୍ୟ ମାନ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ପ୍ରହ୍ଲାଦ ପଣ୍ଡାଙ୍କ ଭାଇ ରାମ ପ୍ରସାଦ ପଣ୍ଡା, କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ରହିଥିଲେ। ପୁଅ ସତ୍ୟ ନାରାୟଣ ,ମୋନୋରଞ୍ଜନ, ଚିତ୍ତରଞ୍ଜନ ସହିତ ପରିବାର ବର୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତ୍ୱରିତ ଚିକିତ୍ସା ଯୋଗୁଁ ହୃଦ୍‌ଘାତ୍ ରୋଗୀଙ୍କ ଜୀବନ ବଞ୍ଚିଲା




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବୈଦାର ନୂଆପାଲି ସ୍ଥିତ କୀଷ୍ଟା ବିକାଶ ହସ୍ପିଟାଲର ତ୍ୱରିତ ଚିକିତ୍ସା ଯୋଗୁଁ ଜଣେ ହୃଦ୍ଘାତ ରୋଗୀଙ୍କ ଜୀବନ ବଞ୍ଚିପାରିଛି । ଏଥିପାଇଁ ସଂପୃକ୍ତ ରୋଗୀ ଜଣକ ଜୀବନ ବଞ୍ଚାଇଥିବା ଡାକ୍ତର ଟିମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, ବୌଦ୍ଧ ଜିଲ୍ଲା ପୁରୁଣାକଟକ ଅଞ୍ଚଳର ସୁରେନ୍ଦ୍ର କୁମାର ସାହୁ(୪୭) କିଛି ଦିନ ନିଜକୁ କ୍ଳାନ୍ତ ଅନୁଭବ କରିବାରୁ ଗତ ୧ଅକ୍ଟୋବର, ୨୦୨୫ରେ କୀଷ୍ଟା ବିକାଶ ହସ୍ପିଟାଲକୁ ଆସିଥିଲେ । ହସ୍ପିଟାଲର ଅପେକ୍ଷା କକ୍ଷରେ ବସିଥିବା ବେଳେ ହୃଦ୍ଘାତ ଯୋଗୁଁ ଅଚେତ ହୋଇ ପଡିଥିଲେ । ପ୍ରଥମେ ହୃଦ୍‌ଗତି ଦ୍ରୁତ ଭାବେ ବଢ଼ିବା ଓ ପରେ ଧିରେ ଧିରେ କମିବା ସହ ଅବଶେଷରେ ଥମି ଯାଇଥିଲା । ଏଭଳିସ୍ଥଳେ ହସ୍ପିଟାଲର ଅଭିଜ୍ଞ ଡାକ୍ତର ମାନେ ତ୍ୱରିତ ସିପିଆର ଦେବା ସହ ଆଧୁନିକ ଚିକିତ୍ସା ପ୍ରଣାଳୀ ପ୍ରୟୋଗ କରି ତାଙ୍କ ଜୀବନ ରକ୍ଷା କରି ପାରିଥିଲେ । ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଷ୍ଟା ବିକାଶ ହସ୍ପିଟାଲର ନିର୍ଦ୍ଦେଶକ ଡା. ପ୍ରବୀର କୁମାର ରାୟ ସିପିଆର ଗୁରୁତ୍ୱ, ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଲକ୍ଷ୍ମୀପ୍ରସାଦ ଦାଶ ସମୟୋପଯୋଗୀ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ । ହସ୍ପିଟାଲର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡା. ସିଏଚ୍ ରବି କୁମାର ହୃଦୟ ଯତ୍ନ ନେବାର ଗୁରତ୍ୱ ସମ୍ପର୍କରେ କହିଥିଲେ । ଶେଷରେ ପରିଚାଳନା ନିର୍ଦ୍ଦେଶକ ଡି. ବିବେକ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ରେଳ ମଣ୍ଡଳରେ ଅମୃତ ସମ୍ବାଦ କାର୍ଯ୍ୟକ୍ରମ

ସମ୍ବଲପୁର, (ସବ୍ୟୁ): ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳ ଠାରେ ଅମୃତ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଯୋଗ ଦେଇ ଷ୍ଟେସନ ସଫାସୁତୁରା ଏସ୍କାଲେଟର ପ୍ରବେଶ , ଅନ୍‌ବୋର୍ଡ ଖାଦ୍ୟ ଯୋଗାଣ ବ୍ୟବସ୍ଥା ଓ ସୁରକ୍ଷା ପଦକ୍ଷେପ ସମେତ ବିଭିନ୍ନ ଯାତ୍ରୀଙ୍କ ସୁବିଧା ଉପରେ ମତାମତ ସଂଗ୍ରହ କରିବା ପାଇଁ ଯାତ୍ରୀ ଓ ରେଳ ବ୍ୟବହାରକାରୀଙ୍କ ସହ ଆଲୋଚନା କରିଥିଲେ । ରେଳ ପ୍ରଶାସନ ଓ ଯାତ୍ରୀମାନଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ ।

# ରାୟଗଡ଼ାରେ ୩ ବର୍ଷରେ ୧୭୩୬ ଜଣ ନବଜାତ ଶିଶୁ ମୃତ



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲାରେ ରହୁଥିବା ମହିଳାଙ୍କ ପାଇଁ ଗର୍ଭ ଧାରଣ ଏକ ଅଭିଶାପ ହୋଇଯାଇଛି। ବିଶୃଙ୍ଖଳିତ ରାସ୍ତା, ଅପହଞ୍ଚ ଇଲାକା, ଅପପୁଷ୍ଟି ଏବଂ ରକ୍ତ ହୀନତା ଗର୍ଭବତୀଙ୍କ ସଉତୁଣୀ ହୋଇ ଠିଆ ହୋଇଛି। ତେଣୁ ୩ବର୍ଷରେ ୧୭୩୬ଜଣ ନବଜାତ ଶିଶୁ ମୃତ୍ୟୁ ରାୟଗଡ଼ାରେ ହୋଇଥିବା ବେଳେ ରାଜ୍ୟରେ ୩ବର୍ଷରେ ମରିଛନ୍ତି ୩୪ହଜାର ୨୮୪ ଜଣ ଶିଶୁ। ରାସ୍ତା ଘାଟ ସହିତ ଭରା ନଈରେ ପ୍ରସବ କରୁଥିବା ବେଳେ ଜିଲ୍ଲାରେ ଗର୍ଭବତୀଙ୍କୁ ଚିକିତ୍ସାଳୟ ମୁହାଁ ହୋଇପାରିନାହିଁ। ଏହି ଘଟଣା ବିଧାନସଭାରେ ରାଜ୍ୟ ସରକାର ଲିଖିତ ଉତ୍ତର ଦେଇଛନ୍ତି । ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ବିଧାନସଭାରେ ପ୍ରଶ୍ନ କରିବା ପରେ ମିଳିଥିବା ଉତ୍ତର କହୁଛି ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁ ହାରର ସ୍ଥିତି ଉଦବେଗ ଜନକଛ ସରକାରୀ ନଥିପତ୍ରରେ ରାଜ୍ୟରେ ଗତ ୩ବର୍ଷରେ ୧୯ଲକ୍ଷ ୩୪ହଜାର ୪୧୨ଜଣ ଗର୍ଭ ଧାରଣ କରିଛନ୍ତି । ସେଥିମଧ୍ୟରୁ ୧୭ଲକ୍ଷ ୬୦ହାଜର ୫୭୭ଜଣ ଗର୍ଭବତୀ ବିଭିନ୍ନ ଚିକିତ୍ସାଳୟରେ ପ୍ରସବ ହୋଇଛନ୍ତି। ଅନୁଷ୍ଠାନରେ ପ୍ରସବ ଏକ ପରିବର୍ତ୍ତନର ସ୍ବର ହୋଇଥିବା ବେଳେ ଏହି ଶ୍ଳୋଗାନ ଜରିଆରେ ସଚେତନ କରାଯାଉଥିବା ସତ୍ତ୍ୱେ ୧୪ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ କୌଣସି ଚିକିତ୍ସାଳୟ ନୁହେଁ ଘରେ ପ୍ରସବ ହୋଇଛନ୍ତି। ସବୁଠାରୁ ବିଡମ୍ବନାର ବିଷୟ ଯେ ଶିଶୁ ଓ ମାତୃ ସୁରକ୍ଷା ଦିଗରେ ପର୍ଯ୍ୟାପ୍ତ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାର ଯେତେ ତତ୍ପର ସମତାଳରେ ଶିଶୁଙ୍କ ମୃତ୍ୟୁ ହୋଇଚାଲିଛି। ରାଜ୍ୟରେ ୧୯ହଜାର ଗର୍ଭରୁ ଜନ୍ମ ନେବା ପୂର୍ବରୁ ୩୪ ହଜାର ୨୮୪ଜଣ ଶିଶୁ ମାତୃ ଗର୍ଭରେ ହିଁ ମୃତ୍ୟୁ ବରଣ କରିଛନ୍ତି। ସେହିପରି ୨୩ହଜାର ୧୩୦ଜଣ ଶିଶୁ ଜନ୍ମ ହେବା ପରେ ମୃତ୍ୟୁ ଘଟିଛି । ସେହିପରି ଗତ ୩ବର୍ଷରେ ୨ହଜାର ୬୪ଜଣ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି । ଅପର ପକ୍ଷରେ ରାୟଗଡା ଜିଲାରେ ଗତ ୩ବର୍ଷ ଅର୍ଥାତ ୨୦୨୫-୨୬ ଜୁଲାଇ ମାସର ପର୍ଯ୍ୟନ୍ତ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡେ ୧୭୩୬ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି, ୬୨ଜଣ ଗର୍ଭବତୀଙ୍କ ମୃତ୍ୟୁ ହୋଇଥଇବା ଜଣାପଡିଛି ।

ରିପୋର୍ଟ ଅନୁଯାଇ ୨୦୨୩ -୨୪ ମସିହାରେ ୨୪ଜଣ ମାଁ ଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୨୪-୨୫ରେ ୨୯ଜଣ ଏବଂ ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ୯ଜଣ ମାଁଙ୍କର ମୃତ୍ୟୁ ଘଟିଥିବା ଏବ ସୁତ୍ରରୁ ମିଳିଥିବା ନଥିପତ୍ର କହୁଛି । ସେହିପରି୨୦୨୩-୨୪ରେ ୭୭୩ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳ ୨୦୨୪-୨୫ରେ ୭୫୩ଜଣ ଶିଶୁ ଏବଂ ଜୁଲାଇ ମାସ ସୁଦ୍ଧା ଏହି ସଂଖ୍ୟା ୨୧୦ରେ ପହଞ୍ଚିଛି । ଯଦି ବ୍ଲକ ୱାରୀ ମୃତ୍ୟୁର ସମିକ୍ଷା କରାଯାଏ ତେବେ ୨୦୨୩-୨୪ ମସିହାରେ ମୁନିଗୁଡା ବ୍ଲକରେ ସର୍ବାଧିକ ୧୧୬ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ତା ପଛରେ ୯୯ଜଣ ବିଷମକଟକରେ ମୃତ୍ୟୁ ବରଣ କରିଛନ୍ତି । ୨୦୨୪-୨୫ ବର୍ଷରେ ବିଷମକଟକ ବ୍ଲକରେ ସର୍ବାଧିକ ୧୨୨ଜଣ ଶିଶୁ ମୃତ୍ୟୁ ବରଣ କରିଥିବା ବେଳେ ରାୟଗଡ ବ୍ଲକରେ ୧୦୪ଜଣ ଶିଶୁ ପ୍ରାଣ ହରାଇଛନ୍ତି। ସେହିପରି ୨୦୨୫-୨୬ ଅପ୍ରେଲ ମାସ ଠାରୁ ଜୁଲାଇ ମାସ ମଧ୍ୟରେ ୨୧୦ଜଣ ମୃତ୍ୟୁ ଘଟିଥିବା ରିପୋଟ କହୁଛି । ତେବେ ବିଡମ୍ବନାର କଥା ଏତକ ଯାକ ଯୋଜନା ପରେ ବି ଏ ମୃତ୍ୟୁ କାହିଁକି ବୋଲି ବିଧାୟକ କାଡ୍ରାକା ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପୁଷ୍ଟିହୀନତା ଏବଂ ରକ୍ତହୀନତା ଏକ କାରଣ ହୋଇପାରେ। ଯାହାକି ପ୍ରାକ ଶିକ୍ଷା ଏବଂ ପୁଷ୍ଟି ସାଧନ ଯୋଜନାର ରୂପରେଖକୁ ଅନୁଧ୍ୟାନ କଲେ ଜଣାପଡୁଛି ବୋଲି ସେ କହିଛନ୍ତି । ଗର୍ଭବତୀ ଏବଂ ଶିଶୁଙ୍କ ପୁଷ୍ଟି ସାଧନ ପାଇଁ ଏକ ବିସ୍ତୃତ ଯୋଜନା ରହିଛି। କିନ୍ତୁ ଏହାକୁ ଏପର୍ଯ୍ୟନ୍ତ ଶୃଙ୍ଖଳିତ କରାଯାଇପାରିନାହିଁ । ତେଣୁ ଏଭଳି ସ୍ଥିତି ଉପୁଜୁଛି ବୋଲି ସେ କହିଛନ୍ତି। ଛତୁଆର ମାନ ପରୀକ୍ଷା ଆଉଏକ କାରଣ ହୋଇପାରେଛ ପୁଷ୍ଟି ସାଧନ ପାଇଁ ଦିଆଯାଉଥିବା ଛତୁଆ ପ୍ରତି ମାସର ୨୩ତାରିଖରେ ପ୍ରସ୍ତୁତ କରଯାଏ । ଗୋଟିଏ ଦିନରେ ୧୧ଟି ବ୍ଲକ, ୧୮୨ ପଞ୍ଚାୟତର ଏସଏଚଜି ଦ୍ୱାରା ଛତୁଆ ପ୍ରସ୍ତୁତ କରଯାଇଥାଏ । ତେବେ ପ୍ରସ୍ତୁତ ବେଳେ ଏହାକୁ ତଦାରଖ କରିବା ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ରହିଛି କି ! ସେଥିରୁ ନମୁନା ଆକାରରେ ଦିଆଯାଉଥିବା ଗୋଟିଏ ପ୍ୟାକେଟ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚାଇବା ପରେ ଏହି ଛତୁଆକୁ ଅଙ୍ଗନବାଡି କେନ୍ଦ୍ରକୁ ବଣ୍ଟାଯାଇଥାଏ । ମାସର ୧ତାରିଖରୁ ଏହି ଛତୁଆକୁ ଗର୍ଭବତୀ ଏବଂ ଶିଶୁଙ୍କୁ ଖାଇବା ପାଇଁ ଦିଆଯାଇଥାଏ । ଛତୁଆର ମାନ ପରୀକ୍ଷା ରିପୋର୍ଟ ୩ରୁ ୬ ମାସକୁ ଥରେ ଆସୁଆସୁ ଏହା ପିଲାଙ୍କ ପେଟରେ ହଜମ ମଧ ହୋଇଯାଇ ଥାଏ । ଏହି ପ୍ରକ୍ରୀୟାକୁ ଶୃଙ୍ଖଳିତ କରିବା ଏବଂ ପ୍ରତି ଜିଲ୍ଲାରେ ଖାଦ୍ୟର ମାନ ପରୀକ୍ଷା ପାଇଁ ଏକ ପରୀକ୍ଷାଗାର କରିବା ସକାଶେ ବିଧାନସଭାରେ ଦାବୀ କରିଥିବା ବଧାୟକ କହିଛନ୍ତି ।

# ରାବନଧାରା ଜଳପ୍ରପାତରେ ପରିବେଶ କାର୍ଯ୍ୟକ୍ରମ



ଭବାନୀପାଟଣା, (ସବ୍ୟୁ): ବନ୍ୟଜୀବ ସପ୍ତାହ ଅବସରରେ କଳାହାଣ୍ଡି ଉତ୍ତର ବନ ବିଭାଗ ପକ୍ଷରୁ ମିଶନ ଲାଇଫ୍ କାର୍ଯ୍ୟକ୍ରମ ଅଧୀନରେ ରାବନଧାରା ଜଳପ୍ରପାତ ପରିସରରେ ଏକ ବିଶାଳ ପରିସ୍କୁଚନା ଅଭିଯାନ ଆୟୋଜନ କରାଯାଇଥିଲା। ଚଳିତି ବର୍ଷର ଥିମ୍ ଥିଲା ବିଟ୍ ପ୍ଲାଷ୍ଟିକ ପଲ୍ୟୁସନ୍ , ଯାହା ପ୍ରକୃତିକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ରକ୍ଷା କରିବାରେ ବିଭାଗର ସଂକଳ୍ପକୁ ପ୍ରତିବିମ୍ବିତ କରେ। ଏହି ଅଭିଯାନରେ ଛାତ୍ରଛାତ୍ରୀ, ସାଧାରଣ ନାଗରିକ, ବନ କର୍ମଚାରୀ, ସେବକ, ଏବଂ ଏନଜିଓ ଗୁଡ଼ିକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସାମୁହିକ ଉଦ୍ୟମରେ ୨ କିଲୋମିଟର ଅଞ୍ଚଳ ପରିଷ୍କାର କରାଯାଇ ୪୧ଟି ବଡ଼ ପ୍ଲାଷ୍ଟିକ ବ୍ୟାଗ (ପ୍ରତିଟି ୬୦ ଲିଟର କ୍ଷମତାର) ଭରି ମୋଟ ୮୦୭ କିଲୋଗ୍ରାମ ଅବଶିଷ୍ଟ ବସ୍ତୁ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ରମେଶ ବିଶ୍ନୋଇ, ଆଇଏଫଏସ୍, ବନ ମଣ୍ଡଳ ଅଧିକାରୀ, କଳାହାଣ୍ଡି ଉତ୍ତର ଜଙ୍ଗଲ ଏବଂ ପ୍ରକୃତିକ ସ୍ଥାନଗୁଡ଼ିକର ପରିସ୍କୁଚନା ଓ ସୁନ୍ଦରତା ରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ସେ ପର୍ଯ୍ୟଟକମାନଙ୍କ ମଧ୍ୟରେ ଆଚରଣରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦେଲେ। ରବନଧାରା ଅଞ୍ଚଳକୁ ପରିଧି ରଖିବା ପାଇଁ ପୂର୍ଣ୍ଣ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଘୋଷଣା କରାଯାଇଛି। ଅଭିଯାନରେ ସମସ୍ତ ସେବକମାନେ ବନ ଭିତରେ ପ୍ଲାଷ୍ଟିକ ଫିଙ୍ଗିବା ନାହିଁ ବୋଲି ଶପଥ ନେଇଥିଲେ । ଲିଲି ଆମନ୍ତାୟା, ଏସିଏଫ୍, ସମସ୍ତ ସେବକ, ଏନ୍‌ଜିଓ ଓ ବନ କର୍ମଚାରୀଙ୍କୁ ତାଙ୍କ ନିଷ୍ଠାପୂର୍ଣ୍ଣ ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇ ଅଭିଯାନର ଭବ୍ୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ । ଏହି ପରିସ୍କୁଚନା ଅଭିଯାନ କଳାହାଣ୍ଡି ଜିଲ୍ଲାରେ ପ୍ରକୃତି ସୁରକ୍ଷା ଏବଂ ପ୍ଲାଷ୍ଟିକ ମୁକ୍ତ ପରିବେଶ ପ୍ରତି ସମୁଦାୟ ଭାଗିଦାରିର ଏକ ଉଦାହରଣ ହୋଇଛି ।

# ମକର ନାୟକ ହତ୍ୟାକାଣ୍ଡ : ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧିନ ଫୁଣ୍ଡେଲପଡା ଗ୍ରାମର ମକର ନାୟକ ହତ୍ୟା ମାମଲାକୁ ୪୩ଦିନ ବିତିଲାଣି। ଏଯାଏଁ ହତ୍ୟା ଅଭିଯୁକ୍ତଙ୍କୁ ଧରିବା କିମ୍ବା ହତ୍ୟାର କାରଣ ଲୋକଲୋଚନକୁ ଆଣି ପାରିନି ପୁଲିସ। ଏହାରି ମଧ୍ୟରେ ଶତାଧିକ ଗ୍ରାମବାସୀମାନେ ଗତ ମାସ ୧୬ତାରିଖ ଦିନ ଚନ୍ଦାହାଣ୍ଡି ଥାନାକୁ ବି ଘେରାଉ କରିଥିଲେ। ସେହିପରି ଆଜି ଶତାଧିକ ଗ୍ରାମବାସୀ ନବରଙ୍ଗପୁର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସପି ମଡକର ସନ୍ଦୀପ ସମ୍ପତ୍ତ ଭିସେରା ପରୀକ୍ଷାର ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି କହିଥିଲେ। ରିପୋର୍ଟ ଆସିବା ପରେ ସେ ନିଜେ ମାମଲାର ଯାଞ୍ଚ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ପଠାଇଥିଲେ।

ଗତ ଅଗଷ୍ଟ ୨୮ତାରିଖ ଦିନ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧିନ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ତେଳାତାଣ୍ଡି ଗ୍ରାମ ମୁଖ୍ୟରାସ୍ତା ପାର୍ଶ୍ୱରେ ପୁଲିସ ତେଲାତାଣ୍ଡି ଗ୍ରାମର ଗଜାନନ ନାୟକଙ୍କ ଜ୍ୱାଇଁ ଫୁଣ୍ଡେଲପଡା ଗ୍ରାମର ମକର ନାୟକଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର କରିଥିଲେ। ମୃତକ ମକରଙ୍କ ମୁହଁ, ନାକରେ ରକ୍ତ ସ୍ରାବ ହେବା ସହ ମକର ମୁହଁ ମାଡି ପଡ଼ିଥିବା ନେଇ ପରିବାର ଲୋକେ ଏହାକୁ ହତ୍ୟା କରାଯାଇ ଥିବା ସନ୍ଦେହ କରିଥିଲେ। ଚନ୍ଦାହାଣ୍ଡି ଥାନା ଅଧିକାରୀ ଯୁଗଳ କିଶୋର ସା, ଏସ ଆଇ ବିଜୁ ରାମ ବାଘ ପହଁଚି ତଦନ୍ତ ଆରମ୍ଭ କରିଥିବା ବେଳେ ଗ୍ରାମବାସୀ ଫରେନସିକ ଟିମ ଏବଂ ସନ୍ଧାନୀ କୁକୁର ଆଣି ତଦନ୍ତ କରିବାକୁ ଦାବି କରିଥିଲେ। ନଚେତ ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଥିଲେ। ପରେ ଫରେନସିକ ଟିମ ଏବଂ ସନ୍ଧାନୀ କୁକୁର ଆଣି ତଦନ୍ତ କରାଯାଇଥିଲା। ଘଟଣାର ସାତ ଦିନ ପୂର୍ବରୁ ମୃତକ ମକର ନାୟକ ଏବଂ ତାଙ୍କ ସ୍ତ୍ରୀ ମାୟା ନାୟକଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ମନମାଳିନ୍ୟ ହେବାରୁ ମାୟା ରାଗିକି ବାପ ଘର ତେଲାତାଣ୍ଡିକୁ ଚାଲି ଆସିଥିଲେ। ମାୟାକୁ ଘରକୁ ଫେରାଇ ନେବାକୁ ମକର ଶଶୁର ଘରକୁ ଆସି ଥିଲେ। ଗତ ଶନିବାର ଦିନ ରାତିରେ ଖାଇ ସାରି ବୁଲିବାକୁ ବାହାରି ଆଉ ଘରକୁ ଫେରି ନ ଥିବା ତାଙ୍କ ଶଶୁର ଗଜାନନ ନାୟକ ପ୍ରକାଶ କରିଥିଲେ। ତେବେ ମକରଙ୍କ ପରିବାରବର୍ଗ ଓ ଗ୍ରାମବାସୀ, ଅଂଚଳବାସୀଙ୍କ ମନରେ ଉପୁଜୁଥିବା ସଂଦେହ ଦୂର କରିବାରେ ପୁଲିସ ବିଫଳ ବୋଲି ଫୁଣ୍ଡେଲପଡା ଗ୍ରାମବାସୀମାନେ କହିଛନ୍ତି। ଏସପିଙ୍କ ଉପରେ ଭରସା କରି ନବରଙ୍ଗପୁର ଆସିଥିବା ବେଳେ ଆଗାମୀ ଦିନରେ ନିରାଶ ହେବାକୁ ପଡିବ ନାହିଁ ଏବଂ ନ୍ୟାୟ ମିଳିବ ବୋଲି ଗ୍ରାମବାସୀ କହିଛନ୍ତି। ନଚେତ ପୁଲିସ ବିରୋଧରେ କୋର୍ଟର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ଗ୍ରାମବାସୀମାନେ କହିଛନ୍ତି।

# ନିମ୍ନମାନର ରାସ୍ତା ନିର୍ମାଣ, ଖାଲଖମାରେ ବଢୁଛି ଦୁର୍ଘଟଣା

କୁଚିଣ୍ଡା, (ସବ୍ୟୁ): ନିର୍ବାହୀ ଯନ୍ତ୍ରୀ ଗ୍ରାମ ନିର୍ମାଣ ବିଭାଗ ଅଧିନସ୍ଥ ଜମନକିରା ବ୍ଲକ୍‌ର ମୁଣ୍ଡେନ ପାଲି ଠାରୁ ଖର୍ସନ ମାଳ ରାସ୍ତା କାମ ଚାଲିଛି। ରାସ୍ତାରେ ମେଟାଲ ବିଛା କାର୍ଯ୍ୟ ସମ୍ପନ୍ନ ହୋଇଛି। ଗ୍ରାମବାସୀ ଦ୍ୱୟଙ୍କ ଅଭିଯୋଗ ଅନୁଯାୟୀ,ନିମ୍ନମାନର ମେଟାଲ ବିଛା ଯାଇଥିବା ଅଭିଯୋଗ ହେଉଛି। ଏବେ ଆରଡ଼ି ବିଭାଗୀୟ ଜେଇ ଜମନକିରା ଏହି କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି ଜାଣିବା ପାଇଁ ଜେଇ ଅଶୋକ ଦାଶଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ସମୟ କୁଚିଣ୍ଡା ପ୍ରତିନିଧି । ସେହି କାର୍ଯ୍ୟ ମୋର ନୁହଁ ଆଉ ଜଣେ ଜେଇ କରିଥିବା ସଫେଇ ଦେଇଥିଲେ ଶ୍ରୀ ଦାଶ । ତେବେ ସେହି ଜେଇଙ୍କ ମୋବାଇଲ ନମ୍ବର ଦେବାକୁ କୁହାଯିବାରେ ମୁଁ ବାହାରେ ଅଛି ପହଁଞ୍ଚିଲେ ଦେବି ବୋଲି କହିଥିଲେ। ଅନ୍ୟ ପକ୍ଷରେ କାର୍ଯ୍ୟ ଆରମ୍ଭରେ ନାମ ଫଳକ ନିର୍ମାଣ ଓ ସେଥିରେ ଅନୁଦାନ ମଞ୍ଜୁରୀ ଶ୍ରମିକ,ଦୂରତ୍ୱ ଇତ୍ୟାଦି ଉଲ୍ଲେଖ ରହିବା କଥା। କିନ୍ତୁ ବିନା ନାମ ଫଳକରେ ଚାଲିଥିଲା କାର୍ଯ୍ୟ। ଏବେ ରାସ୍ତା ସାରାଖାଲଖମା ହେତୁ ମଟର ସାଇକେଲ ରେ ଯାତାୟତ କରିବା ସମୟରେ ଦୁର୍ଘଟଣା ମାନ ଘଟୁଛି। ଫଳରେ ଅନେକ ଧନଜୀବନ ନଷ୍ଟ ହେଉଛି। ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳ ଓ ଜଙ୍ଗଲାଞ୍ଚଳ ହୋଇଥିବା ହେତୁ ଏପରି ଆଖିବୁଜା କାର୍ଯ୍ୟଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି କାର୍ଯ୍ୟସ ସମ୍ବନ୍ଧରେ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ, ସଂପୃକ୍ତ ଜେଇଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସେହି କାର୍ଯ୍ୟକୁ ସାରିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।


OS-CIT | OS-CIT 'A' | OS-CIT 'A+' | OKCL Career Oriented Courses

OKCL Creating a Knowledge Lit World www.okcl.org

NCR 2026 READY TO JOIN AS OKCL ALC?

Genuine Education | Genuine Certificate | Genuine Income!

ନିଜ ଅଞ୍ଚଳରେ OKCL ସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ଶିକ୍ଷା ତାଲିମକେନ୍ଦ୍ର (ALC) ଖୋଲିବାର ସୁଯୋଗ ନିଅନ୍ତୁ !

1,000 NETWORK PARTNER REQUIRED

REGISTRATION STARTS ON 5TH SEPTEMBER

Scan to get more information and Registraion

Whatsapp "NCR" to 7735552044

Visit our website www.okcl.org | Call for information 0674-3520021 | Get in touch ncr@okcl.org

ODISHA KNOWLEDGE CORPORATION LIMITED


## ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ !

# ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

ମୁରିବାହାଲ,(ସବ୍ୟୁ): ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ପୁଣି ଜଣେ ଶ୍ରମିକ କାର୍ଯ୍ୟସ୍ଥଳରୁ ନିଖୋଜ ହେବାଭଳି ଘଟଣା ଦେଖିବାକୁ ମିଳିଛି। ସେ ସତରେ ନିଖୋଜ ନା ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରି ଫିଙ୍ଗି ଦିଆଯାଇଛି ତାହା ସଂପୂର୍ଣ୍ଣ ସନ୍ଦେହ ଘେରରେ । ପ୍ରଥମେ ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇଥିବା ପୀଡ଼ିତ ପରିବାର ମଙ୍ଗଳବାର ବଲାଙ୍ଗିର ଏସପିଙ୍କ ଦ୍ୱାରସ୍ଥ ହୋଇ ଗୁରୁତର ଅଭିଯୋଗ କରିଛନ୍ତି। ମୁରିବାହାଲ ଥାନା ଚଳକୀ ପଞ୍ଚାୟତ ନୂଆଁପଡ଼ା ଗ୍ରାମର ବବିତା ପଟ୍ଟନାୟକ(୨୫)ଙ୍କ ଲିଖିତ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ନେପାଳ ପଟ୍ଟନାୟକ(୨୭)ଙ୍କୁ ଗତ ୦୪/୦୯/୨୫ରିଖ ଦିନ ପାଖ ଜଇଁତରା ଗ୍ରାମର ଦାଦନ ସର୍ଦ୍ଦାର ପ୍ରସାଦୀ ଚନ୍ଦନ ଆନ୍ଧ୍ରପ୍ରଦେଶ ରାଜ୍ୟ ମେହବୁବନଗରର ଏକ ଇଟାଭାଟିକୁ ଦାଦନ ଶ୍ରମିକ ଭାବେ ଚାଲାଣ କରିଥିଲା। ନେପାଳଙ୍କ ସହିତ ବାହୁପଲା,ନୂଆଁମୁଣ୍ଡା ଗ୍ରାମର ମଦନ ପ୍ରଧାନୀ, ଖୁଜେନପାଲି ଗ୍ରାମର ଅକ୍ରୁର ବଗର୍ତ୍ତି ଓ ପାଟଣାଗଡ ଥାନା ତାଳପଦର ଗ୍ରାମର ସଖୀଲାଲ ଜାଲ ମଧ୍ୟ ଏକା ସାଙ୍ଗରେ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସମସ୍ତେ ମିଶି କାମ କରୁଥିବା ବେଳେ ହଠାତ୍ ଗତ ୨୮/୦୯/୨୫ ଦିନ ନେପାଳ ନିଖୋଜ ହୋଇଯାଇଥିଲେ । ତାଙ୍କୁ ସାଥୀରେ ଯାଇଥିବା ଅନ୍ୟ ଶ୍ରମିକମାନେ ବହୁ ଖୋଜାଖୋଜି କରି ନ ପାଇବାରୁ ସ୍ଥାନୀୟ ଥାନାରେ ଏକ ନିଖୋଜ ଏତଲା ମଧ୍ୟ ଦେଇଥିଲେ। ନିଖୋଜ ଦିନଠାରୁ ନେପାଳଙ୍କ ଫୋନ୍ ମଧ୍ୟ ସ୍ୱିଚ୍‌ଅଫ ରହିଛି। ନେପାଳଙ୍କ ନିଖୋଜ ସମ୍ପର୍କରେ ସାଥୀ ଶ୍ରମିକମାନଙ୍କଠାରୁ ଜାଣି ପତ୍ନୀ ଓ ପରିବାର ସର୍ଦ୍ଦାରକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଧରାଛୁଆଁ ଦେଇନଥିଲେ। ପରେ ପୀଡିତ ପରିବାର ମୁରିବାହାଲ ଥାନାକୁ ଆସି ଏକ ଏତଲା ଦେଇଥିଲେ। ପୁଲିସ ସର୍ଦ୍ଦାର ସହ ଅନ୍ୟ ଶ୍ରମିକଙ୍କୁ ଡାକି ପଚରାଉଚରା କରିଥିଲା। ପୁଲିସ ନିର୍ଦ୍ଦେଶରେ ସର୍ଦ୍ଦାର ପ୍ରସାଦୀ ପରିବାର ଲୋକଙ୍କୁ ନ ନେଇ ନିଖୋଜ ନେପାଳଙ୍କୁ ଖୋଜିବାକୁ ଯାଇ ଅଧା ରାସ୍ତାରୁ ଫେରିଆସିଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ନିଖୋଜ ନେପାଳଙ୍କ ସମ୍ପର୍କରେ କୌଣସି ସୂଚନା ନ ପାଇବାରୁ ପୀଡିତ ପରିବାର ମଙ୍ଗଳବାର ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଦାଦନ ଖଟିବାକୁ ଯାଇ ନିଖୋଜ ସ୍ୱାମୀ ମୃତ ନା ଜୀବିତ ସ୍ତ୍ରୀ ଓ ପରିବାର ଆଶଙ୍କାରେ ଥିବା ବେଳେ ତାଙ୍କୁ ଶୀଘ୍ର ଜୀବିତ ଫେରାଇ ଆଣିବାକୁ ପରିବାର ନିବେଦନ କରିଛନ୍ତି। ଜିଲ୍ଲା ଶ୍ରମ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଆନ୍ଧ୍ର ମେହବୁବନଗର ଥାନାରେ ଏକ ନିଖୋଜ ଏତଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୂତ୍ରରୁ ଜଣାପଡିଛି।

# ଝାରସୁଗୁଡ଼ାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ମହିଳା ଓ ପୁରୁଷ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ଜଣାଇଛନ୍ତି ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ । ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଜିଲ୍ଲାରୁ ୩୯ଜଣ ତୀର୍ଥଯାତ୍ରୀ ବାରାଣସୀ ଓ ଅଯୋଧ୍ୟା ପରିଭ୍ରମଣ କରି ୧୩ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ସାମିଲ ପଶ୍ଚିମ ଓଡ଼ିଶାର ଶ୍ରଦ୍ଧାଳୁ ତୀର୍ଥଯାତ୍ରୀମାନେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସମ୍ବଲପୁରରୁ ଚଳିତ ଅକ୍ଟୋବର ୮ତାରିଖରେ ତୀର୍ଥଯାତ୍ରାରେ ଯିବେ। ତୀର୍ଥଯାତ୍ରୀମାନଙ୍କ ସୁଗମ ଯାତାୟାତ ତଥା ଯାତ୍ରା ସମୟରେ ଆନୁସଙ୍ଗିକ ବ୍ୟବସ୍ଥା ତଦାରଖ ପାଇଁ ଦୁଇ ଜଣ ଏସକର୍ଟ ଅଫିସର ତୀର୍ଥଯାତ୍ରୀମାନଙ୍କ ସହ ସାମିଲ ହୋଇଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁନିଲ ମିଶ୍ର ଉପସ୍ଥିତ ଥିଲେ।

# ଥାନା ପଛପଟେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଉରକେଲା,(ସବ୍ୟୁ): ରାଉରକେଲାରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ସୋମବାର ରଘୁନାଥ ପଲ୍ଲୀ ଥାନା ପଛପଟେ ଥିବା ରେଳ ଟ୍ରାକରେ ଜଣେ ଯୁବତୀ ଦୌଡୁଥିବା କିଛି ଲୋକ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେବାରୁ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା ଘଟଣା ନେଇ ଅଧିକ ତଦନ୍ତ କରୁଛି ପୁଲିସ। ପୀଡ଼ିତା କେଉଁ ଅଞ୍ଚଳର ସେନେଇ ପୁଲିସ୍ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ

# ଅଲଣ୍ଡା ପଞ୍ଚାୟତର ଛାତ୍ରଛାତ୍ରୀଙ୍କୁ ମାଗଣା ଟ୍ୟୁସନ



ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ, ମରୁଡି ପ୍ରପୀଡ଼ିତ, ଛୁଆ ବିକ୍ରୀ, ଶିଶୁବଳି ଭଳି ଅପଯଶ ପାଇଁ ପରିଚିତ। ତେବେ ଏପରି ସ୍ଥିତିରେ ଅଲଣ୍ଡା ପଞ୍ଚାୟତ ମଧ୍ୟ ଅଛୁଆଁ ନୁହେଁ। କିଛି ବର୍ଷ ତଳେ ଧାନ ବିକ୍ରୀ ପାଇଁ ପଞ୍ଜିକରଣ କରିଥିବା ଚାଷୀ ମାନଙ୍କ ଟୋକନ ଲ୍ୟାପ୍ସ ହୋଇଯାଇଥିବା ଦେଖି ତତ୍କାଳୀନ ବଙ୍ଗୋମୁଣ୍ଡା ତହସିଲଦାର ଚାଷୀ ମାନଙ୍କ ଘରକୁ ଘର ଯାଇ ସ୍ଥିତି ଦେଖି ଆବାକ୍ ହୋଇଯାଇଥିଲେ। କାରଣ ପେଟପାଟଣା ପାଇଁ କିଏ ଘରେ ପାଠ ପଢୁଥିବା ଝିଅ ସାଙ୍ଗରେ ଛୋଟ ଛୋଟ ଶିଶୁମାନଙ୍କୁ ଛାଡି କାମ ଅନ୍ୱେଷଣରେ ବାହାର ରାଜ୍ୟ ଯାଇଛି ତ କିଏ ବୃଦ୍ଧ ବୃଦ୍ଧା ମାନଙ୍କ ଭରସାରେ ଛୋଟ ଛୋଟ ଶିଶୁମାନଙ୍କୁ ଛାଡି ଯାଇଛି। ଆଉ କିଛି ଘରମାନଙ୍କରେ ତାଲା ଝୁଲୁଥିବା ଭଳି ସ୍ଥିତି ଦେଖାଯାଇଥିଲା। ଘଟଣାଟି ବିଭିନ୍ନ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିବାପରେ ଜଣେ ୧୦ ମ ପଢୁଥିବା ଝିଅ ପ୍ୟାକ୍ସରେ ନିଜ ବାପା ନାଁ ରେ ଥିବା ଧାନ ବିକ୍ରୀ କରିଥିଲା। ଏପରି ଏକ ପଞ୍ଚାୟତରେ ଶିକ୍ଷା ଅପେକ୍ଷା ପେଟପାଟଣା ଗୁରୁତ୍ୱବହନ କରେ । ସରକାର ମନରେଗା ଯୋଜନାରେ କାମ ଯୋଗାଇ ଦେଉଥିବାରୁ ବର୍ତ୍ତମାନ ସ୍ଥିତି ଗୋଟିଏ ପ୍ରକାର ଠିକ୍ ଥିଲେ ହେଁ ଶିକ୍ଷାକୁ ପ୍ରାଥମିକତା ଜରୁରୀ ଅଟେ। ତେଣୁ ଅଲଣ୍ଡା ପଞ୍ଚାୟତ ସରପଞ୍ଚ ନିବେଦିତା ବାଗ ଏକ ନିଆରା ପଦକ୍ଷେପ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ଏଣିକି ଅଲଣ୍ଡା ପଞ୍ଚାୟତ ରେ ଥିବା ମାଟ୍ରିକ ୧୦ ମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ (କୋଚିଂ) ଟ୍ୟୁସନ ପଢାହେବ। ଏଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟର ଏକ କୋଠାକୁ ବହୁତ ସୁନ୍ଦର ଭାବେ ବିଭିନ୍ନ ଗଠନମୂଳକ ଚିତ୍ର ତଥା ବିଭିନ୍ନ ମାର୍ଗଦର୍ଶନ ଲେଖା କାନ୍ଥ ମାନଙ୍କରେ ଲଗାଯାଇଛି। ଫଳରେ କୋଠରୀ ଭିତରକୁ ପ୍ରବେଶ କଲାମାତ୍ରେ ପାଠପଢ଼ା ପାଇଁ ପରିବେଶ ଅନୁକୂଳ ଥିଲା ଭଳି ମନେ ହେଉଛି। ଏ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ଦ୍ୱାରସେହ୍ନୀ ଙ୍କ ପ୍ରସିଦ୍ଧ ଦଶହରା ଯାତ୍ରାର ବିଜୟା ଦଶମୀ ଦିନ ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ଅନୀଲ କୁମାର ତ୍ରିପାଠୀ, ମୁଖ୍ୟ ବକ୍ତା ଅଲଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ରାଉତରାୟ , ମାନସ ରଞ୍ଜନ ପୁରୋହିତ, ଜ୍ଞାନେନ୍ଦ୍ର ସ୍ୱାଇଁ, ଯୁବନେତା ଯୁବରାଜ ବାଗ , ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟା, ପଞ୍ଚାୟତର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ପଞ୍ଚାୟତର ଅଭିଭାବକ ତଥା ସମସ୍ତ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

# ଜଳିଗଲା ଗହଣା ଦୋକାନ

ରାୟଗଡ଼ା,(ସବ୍ୟୁ): ଗହଣା ଦୋକାନରେ ଭୟଙ୍କର ନିଆଁ । ସୋମବାର ବିଳମ୍ବିତ ରାତିରେ ରାୟଗଡ଼ା ମୁନିଗୁଡା ବଜାର ସ୍ଥିତ ପ୍ରିୟଙ୍କା ଜୁଏଲାରୀ ନାମକ ଏକ ଗହଣା ଦୋକାନରେ ନିଆଁ ଲାଗିଯିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ତେବେ କେଉଁ କାରଣରୁ ଏଭଳି ଅଗ୍ନିକାଣ୍ଡ ଘଟିଛି ତାହାର କାରଣ ସ୍ପଷ୍ଟ ହୋଇ ପାରିନାହିଁ । ବିଡ଼ମ୍ବନାର କଥା ହେଉଛି ସୋମବାର ଦୋକାନକୁ ନବୀକରଣ କରି ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯାଇଥିଲା । ଦୋକାନରେ ଅଳଙ୍କାର ନଥିଲା । ନିଆଁ ଲାଗି ଦୋକାନର ସୋକେଶ, ଅନ୍ୟ ସବୁ ସରଞ୍ଜାମ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି ।

## AFFIDAVIT

I GANESH PRASAD AGARAWAL, S/O- SHIV KUMAR AGRAWAL, RESIDENT OF AT/PO- SINGHIJUBA, PS- BINKA, DIST- SUBARNAPUR, ODISHA, PIN-767045 DECLARE BY THIS AFFIDAVIT NO : 3583, DATED. 06.10.2025 THAT NOW ONWARDS I SHALL BE KNOWN AS GANESH PRASAD AGRAWAL, S/O- SHIV KUMAR AGRAWAL FOR ALL PURPOSES.

**GANESH PRASAD AGRAWAL**
**SUBARNAPUR**

**PARADIP PORT AUTHORITY**
**MARINE DEPARTMENT**
**No.MD/ACCTS/WK/R-12/2025/1248**
**Date: 26.09.2025**

Name of the Work: Manning, Operation & Maintenance of Oil Spill Response (OSR) facility at North Oil Jetty including supply of required materials and work boat for a period of 05 years. Estimated cost put to tender : Rs.4,27,93,443/- excluding GST. Last date & time of submission of tender through on-line bidding is **on dt.12.11.2025 at 17:30 Hours**. Date & time for opening of Technical Bid is **on dt.13.11.2025 at 15:30 hours**. For further details, please log on to the Website: **https://eprocure.gov.in/eprocure/app.**

Sd/- Deputy Conservator,
Paradip Port Authority

PPA/PR/45/2025-2026 dtd. 06.10.2025

## ଦ.ପୂ. ରେଳପଥ-ଟେଣ୍ଡର

ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ.ରେଳପଥ ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ସବୁ ଟେଣ୍ଡର ବିପକ୍ଷରେ ମାନୁଆଲ ଅଫରର ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ମିଳିଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. ଓ ଇ-ଟେଣ୍ଡର ନୋଟିସ୍ ନଂ ଏବଂ ତାରିଖ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମଡି : **(୧) ୫୪-ଇଏଲ-ଡବ୍ଲୁଟି-୨୦୨୫-୨୬ ତାରିଖ ୦୩.୧୦.୨୦୨୫**, ସରଡେଗା ଷ୍ଟେସନ ବିଲଡିଂର ଚତୁର୍ଥ ମହଲାରେ ଅତିରିକ୍ତ ଷ୍ଟୋରି ନିର୍ମାଣ ଏବଂ ବେସ୍‌ମେଣ୍ଟ ଏରିଆର ବିକାଶ ସକାଶେ ଇଲେକ୍‌ଟ୍ରିକାଲ (ଜି) କାର୍ଯ୍ୟ, ଟ. ୨୧,୭୫,୯୯୬.୭୮, ଟ. ୪୩,୫୦୦/- । **(୨) ୫୫-ଇଏଲ-ଡବ୍ଲୁଟି-୨୦୨୫-୨୬ ତାରିଖ : ୦୩.୧୦.୨୦୨୫**, ସିନିୟର ସେକ୍ସନ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର (ଜି)/ଡାଙ୍ଗୁଆପୋଷିଙ୍କ ଅଧୀନରେ ତିନି ବର୍ଷ ଯଥା : ୧୦୯୫ ଦିନ ପାଇଁ ବ୍ରେକ୍‌ଡାଉନ୍, ସାଇଡସ୍, ପମ୍ପ ହାଉସ୍, ୱେ ସାଇଟ୍ ଷ୍ଟେସନକୁ ସାମଗ୍ରୀ ପରିବହନ ନିମନ୍ତେ ଏକ ଟନ କ୍ଷମତା ବିଶିଷ୍ଟ ଗୋଟିଏ ଟ୍ରକ ଭଡ଼ା ସୂତ୍ରରେ ଯୋଗାଇ ଦେବା ଏବଂ ବ୍ରେକ୍‌ଡାଉନ୍ ସ୍ଥଳକୁ ଯିବାଆସିବା କରିବା । ଟ. ୧୬,୨୯,୪୦୧.୭/-, ଟ. ୩୨,୬୦୦/- । **ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଉଭୟ ପାଇଁ ଶୂନ । ବନ୍ଦ / ଖୋଲା ତାରିଖ :** ଉଭୟ ପାଇଁ ୨୯.୧୦.୨୦୨୫ ଅପରାହ୍ନ ୧୫.୦୦ ଘଟିକା । ୱେବସାଇଟ **https://www.ireps.gov.in** ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । ଇ-ଟେଣ୍ଡରିଂରେ କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଅଂଶ ଗ୍ରହଣ କରିପାରିବେ । (PR-689)

## ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

### ଆମର ସଂକଳ୍ପ

୧. ସୁଯୋଗ ୱେବସାଇଟ୍ ମାଧ୍ୟମରେ ସହରବାସୀଙ୍କୁ ମୌଳିକ ସେବା ଯୋଗାଇଦେବା ଯଥା ଗୃହ ଟିକସ (Property Tax), ବିବାହ ପ୍ରମାଣ ପତ୍ର ଏବଂ ବ୍ୟବସାୟ ପ୍ରମାଣପତ୍ର (Trade License) ଅନଲାଇନ ମାଧ୍ୟମରେ ପୈଠ କରନ୍ତୁ ।
୨. ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ନିଜସ୍ୱ ଡଷ୍ଟବିନ (dustbin) ପୌରପାଳିକାର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରାନ୍ତୁ ।
୩. ବର୍ଜ୍ୟବସ୍ତୁ ପରିଚାଳନା ମାଧ୍ୟମରେ ସହରର ସଫେଇ କର୍ମଚାରୀମାନେ ଘରକୁ ଘର ବୁଲି ଶୁଖିଲା ଓ ଓଦା ଅଳିଆ ପୃଥକ ଭାବେ ସଂଗ୍ରହ କରୁଛନ୍ତି । ତେଣୁ ନିୟୋଜିତ ସ୍ୱଚ୍ଛସାଥି ଓ ସ୍ୱଚ୍ଛ ସୁପରଭାଇଜରଙ୍କୁ ୟୁଜର ଫି ମାସିକ / ବାର୍ଷିକ ପ୍ରଦାନ କରନ୍ତୁ ।
୪. ରାସ୍ତା ଉପରେ ଇଟା, ବାଲି, ପଥର ଇତ୍ୟାଦି ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ସଭା ସମିତି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆମ୍ଭର ପୌରପାଳିକା ଟାଉନ୍ ହଲ ସୁବିଧା ନିଅନ୍ତୁ ।
୬. ଘର ନିର୍ମାଣ ପୂର୍ବରୁ ଘରର ନକ୍ସା ଏବଂ ଡିଜାଇନ୍ ମଞ୍ଜୁର କରାଇବା ସହିତ ଆଇନ୍ ଅନୁଯାୟୀ ହୋଲଡିଂ ଟିକସ୍ ନିମନ୍ତେ ପଞ୍ଜିକରଣ କରନ୍ତୁ ।
୭. ପଲିଥିନ ବ୍ୟବହାର କରନ୍ତୁ ନାହିଁ ଏବଂ ପୌରପାଳିକାକୁ ପଲିଥିନ ମୁକ୍ତ କରିବାରେ ସାହାଯ୍ୟ କରନ୍ତୁ ।
୮. ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ''ମୋ ଖତ'' ଖତ ବିକ୍ରୟ କେନ୍ଦ୍ରରୁ ସୁଲଭ ମୂଲ୍ୟରେ କ୍ରୟ କରନ୍ତୁ ।
୯. ତରଳ ବର୍ଜ୍ୟବସ୍ତୁ ନିଷ୍କାସନ ନିମନ୍ତେ ଟୋଲ ଫ୍ରି ନଂ. ୧୪୪୨୦ ରେ ପୌରପାଳିକାର ସେସ୍‌ପୁଲ ବୁକିଂ କରନ୍ତୁ ।
୧୦. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଆପଣଙ୍କ ଦାୟିତ୍ୱ ।

**ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ତ୍ରିପାଠୀ**
(ଓ.ଏମ.ସି.ଡି.ଏସ୍)
ନିର୍ବାହୀ ଅଧିକାରୀ

**ଶ୍ରୀଯୁକ୍ତ ଅକ୍ଷୟ କୁମାର ସାମନ୍ତ**
ନଗରପାଳ
ପୌରପାଳିକା ଅନୁଗୋଳ

# ଧୋବିଯୋରର ନୂଆଁ ବ୍ରିଜ୍‌କୁ ସଂଯୋଗ କରୁଥିବା ରାସ୍ତା ଦବିଲା

ସମ୍ବଲପୁର,(ସବ୍ୟୁ): ସହରର ଦୁର୍ଗାପାଲି ଫ୍ଲାଏଓଭର ବ୍ରିଜ୍ ପରେ ବ୍ୟସ୍ତପୂର୍ଣ୍ଣ ଠାକୁରପଡ଼ା ରୁ ବରେଇପାଲି ଶିଳ୍ପାଞ୍ଚଳ ଦେଇ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ନାଳର ସେତୁରେ ଫାଟ ଦେଖା ଦେଇଛି। ଫଳରେ ରାସ୍ତାଟି ବିପଦଜ୍ଜନକ ହୋଇଛି। ଆଜି ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଏହି ଘଟଣା ଦେଖିବା ପରେ ଲୋକମାନଙ୍କୁ ଏହାରି ଉପରେ ଯିବାକୁ ବାରଣ କରିଥିଲେ। ଗତ କିଛି ବର୍ଷ ଆଗରୁ ସେଠାରେ ଥିବା ସଂକୀର୍ଣ୍ଣ ବ୍ରିଜ୍‌କୁ ଭଙ୍ଗା ଯାଇଥିଲା। ସେହି ସ୍ଥାନରେ ସୁଉଚ୍ଚ ଓ ପ୍ରଶସ୍ତ ସେତୁ ନିର୍ମାଣ କରାଯାଇଛି। ଏହାକୁ ସଂଯୋଗ କରୁଥିବା ରାସ୍ତାରେ ବଡ଼ଖାଲ ସୃଷ୍ଟି ହୋଇଛି। ଏହି ସୂଚନା ପାଇ ପୂର୍ତ୍ତ ବିଭାଗ ଓ ମହାନଗର ନିଗମ କର୍ତ୍ତୃପକ୍ଷ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ତେବେ ସହର ମଧ୍ୟରୁ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ଏହାକୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବାରୁ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ଗତ କିଛି ବର୍ଷ ଆଗରୁ ୨୦୧୭-୧୮ ମସିହାରେ ଏହି ସେତୁ କାର୍ଯ୍ୟକ୍ଷମ ହୋଇଥିଲା। ଏତେ କମ୍ ସମୟ ମଧ୍ୟରେ ସେତୁର ସ୍ଥାୟିତ୍ୱ ପ୍ରତି ବିପଦ ଆଲୋଚନାର ବିଷୟ ହୋଇଛି। କର୍ତ୍ତୃପକ୍ଷ ତୁରନ୍ତ ଏହାର ପୁନଃରୁଦ୍ଧାର ଓ ମରାମତି ପାଇଁ ପଦକ୍ଷେପ ନେବାକୁ ସାଧାରଣ ଲୋକେ ଦାବି କରିଛନ୍ତି। ଏହି ସେତୁର ଉଭୟ ପାର୍ଶ୍ୱରେ ରେଳ ଡିଭିଜନ କଲୋନୀ, ଗୁରୁନାନକ ପବ୍ଲିକ୍ ସ୍କୁଲ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ରାଜ୍ୟ ସରକାରଙ୍କ ଶିଳ୍ପାଞ୍ଚଳ, ବ୍ୟାପକ ବସତି ତଥା ଘରୋଇ ହସ୍‌ପିଟଲ ସବୁ ରହିଛି। ସୂଚନାଯୋଗ୍ୟ ଯେ, ସହରର ମହାନଦୀ ରିଂରୋଡ଼ ଓ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଦୁର୍ଗାପାଲି ରେଳ ଓଭରବ୍ରିଜ୍‌ର ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଉଭୟ ପାର୍ଶ୍ୱର ସଂଯୋଗ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଉଛି। ଏଥିପାଇଁ ୬୦ କୋଟି ୪୩ ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଗତ ମଇ ମାସ ୨୫ ତାରିଖରେ ଉଦ୍ଘାଟିତ ହୋଇଥିଲା। ତା' ପରେ ପରେ ଏହାର ଏପ୍ରୋଚ୍ ରୋଡ଼ରେ ଖାଲଖମା ଦେଖା ଦେଉଛି। ପୂର୍ତ୍ତ ବିଭାଗ ବିଭିନ୍ନ ସମୟରେ ଖାଲଖମାକୁ ଭରିବା ପାଇଁ ମରାମତି କରୁଛି।

## AFFIDAVIT

By virtue of an affidavit sworn before Executive Magistrate, Keonjhar, dated 25th September 2025 I, Nilima Dash, W/O : Khirod Kumar Dash, Village : Suambirajayagovindpur, P.O : Swampatna, P.S : Patna, District : Keonjhar, ODISHA-758030 declare that I have changed the name of my son from K.N PRAKASH DASH to PRAKASH DASH. Henceforth, he shall be known as PRAKASH DASH for all purposes.

**(NILIMA DASH)**

## AFFIDAVIT

By virtue of an affidavit sworn before Notary Public, Kendrapara, dated. 6.10.2025 I, Bhagyadhar Nayak, S/o Ghanashyam Nayak, Vill-Kandarpur, Po-Benipur, PS-Nikirai, Dist- Kendrapara, Pin-754292 declare that I have changed my daughter's name from Bs Bhabyangana Nayak to Bhabyangana Nayak. Henceforth, she shall be known as Bhabyangana Nayak for all purposes.

**Sd/- Bhagyadhar Nayak**

## ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ

**ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢ଼େଇ ନେବା ପାଇଁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣମାନେ**

******

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନୀ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡିରେ ଦିଅନ୍ତୁ ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣାଧିନ ସାମଗ୍ରୀ ଯଥା ବାଲି, ଗୋଡି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
- ଗାଇ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଜତରେ ରଖନ୍ତୁ ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ ।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବସାଇଟ ଯାଇ ସେବା ନିଅନ୍ତୁ ।

**ଶ୍ରୀ ସମରେଶ ମହାନ୍ତି**
ନିର୍ବାହୀ ଅଧିକାରୀ
ଫୁଲବାଣୀ ପୌରପରିଷଦ

**ସମସ୍ତ ପାରିଷଦ ବୃନ୍ଦ**
ଫୁଲବାଣୀ ପୌରପରିଷଦ

**ଶ୍ରୀମତୀ ପାୟେଲ ବେହେରା**
ଅଧକ୍ଷା
ଫୁଲବାଣୀ ପୌରପରିଷଦ

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ରାଇଫଲ ସୁଟିଂ ପ୍ରତିଯୋଗିତା ଉଦ୍‌ଯାପିତ



ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ଆର.ଏନ ସିଂଦେଓ ସ୍ପୋଟିଂ କମ୍ପ୍ଲେକ୍ସରେ ୩ ଦିନ ଧରି ାୟୋଜିତ ଜିଲ୍ଲାସ୍ତରୀୟ ରାଇଫଲ ସୁଟିଂ ପ୍ରତିଯୋଗୀତା ମଙ୍ଗଳବାର ଉଦଯାପିତ ହୋଇଯାଇଛି । ବିଭିନ୍ନ ବର୍ଗରେ ଏହି ପ୍ରତିଯୋଗୀତା ସହ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜୁନିୟର ବାଳକ ବିଭାଗରେ ଦିବ୍ୟ ରଞ୍ଜନ ଚୌଧୁରୀ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ଆଶୁତୋଶ ଦର୍ଜି ରୌପ୍ୟ ଓ ସ୍ୱୟଂସିଦ୍ଧା ମିଶ୍ର ତୃତୀୟସ୍ଥାନ ଅଧିକାର କରିଥିଲେ । ସେହିପରି ଜୁନିୟର ବାଳିକା ବିଭାଗରେ ଲୁବନା ବେଗମ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ, ନିଲାକ୍ଷୀ ଠାକୁର ରୌପ୍ୟ ଓ ରୀମା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜପଦକ ହାସଲ କରିଥିଲେ । ବରିଷ୍ଠ ମହିଳା ବିଭାଗରେ ମଧୁମିତା ମାଝୀ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି । ବରିଷ୍ଠ ପୁରୁଷ ବିଭାଗରେ ମହମ୍ମଦ ସରଫରାଜ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ , ସୟଦ ସବିର ହୁସେନ ରୌପ୍ୟ ଓ ସୌମ୍ୟ ରଞ୍ଜନ ସାହାଣୀ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିପରି ମାଷ୍ଟର ପୁରୁଷ ବିଭାଗରେ ବୁଦ୍ଧଦେବ ମେହେର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତାୱିଦ ଖାନ ଦ୍ୱିତୀୟ ଓ ଡ଼. ରଞ୍ଜନ କୁମାର ଭୋଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

ଉଦଯାପନୀ କାର୍ଯ୍ୟକ୍ରମରେ ଜାତୀୟ ରାଇଫଲ ସୁଟିଂ ଆସୋସିଏସନ ସଭାପତି ତଥା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି , ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌର ଅଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଏସୋସିଏସନ ସମ୍ପାଦକ ଜିଲ୍ଲା ରାଇଫଲ ଏସୋସିସନର ନିହାର ରଞ୍ଜନ ସ୍ୱାଇଁ ଓ ସମାଜସେବୀ ବୁଲୁ ବେହେରା ମଞ୍ଚାସୀନ ଥିଲେ । ଆସୋସିଏସନର ସୟଦ୍ ଅଫତାବ ହୁସେନ ସଭା ପରିଚାଳନା କରିଥିବା ବେଳେ ଗୁଞ୍ଜା ଖାନ ଧନ୍ୟବାଦ ଅର୍ପଣ କରିଥିଲେ ।


RAIN, SUN AND FIREPROOF
KONARK IS THE RIGHT ROOF

KONARK Right at the top

USE KONARK AC SHEETS & ACCESSORIES

UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com

WHILE SOME PERSUE FOR EXCELLENCE
WE ARE BORN TO EXCELL.



## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା

Regn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12 Dt. 02.05.2012
Ph. : 06755-220209/220203, E-mail ID- khordhaccbank@gmail.com, ceo@khordhaccbank.com

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ | ରାଜ୍ୟର ୧୧୩ ବର୍ଷର ଅଗ୍ରଣୀ ବ୍ୟାଙ୍କ

### ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ

୧. **CBS** ମାଧ୍ୟମରେ ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ ।
୨. ଠିକ୍ ସମୟରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ୧,୦୦,୦୦୧ ଟଙ୍କାରୁ ୩ ଲକ୍ଷ ଟଙ୍କା ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡେ । ଏତଦ୍‌ବ୍ୟତୀତ ''ବଳରାମ ଯୋଜନା'' ମାଧ୍ୟମରେ ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା ।
୩. ବୁଣାକାରମାନଙ୍କୁ ''ବଳିଆ ଯୋଜନା'' ମାଧ୍ୟମରେ ଋଣ ପ୍ରଦାନର ବ୍ୟବସ୍ଥା ଉପଲବ୍ଧ ।
୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଦୁର୍ଘଟଣାଜନୀତ ବୀମା ଓ ଜୀବନ ବୀମା ଉପଲବ୍ଧ ଅଟେ ।
୫. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ କୃଷକମାନଙ୍କ ପାଇଁ ବିହନ, ରାସାୟନିକ ସାର, ଜୈବିକ ସାର ଓ କୀଟନାଶକ ଔଷଧକ ଯୋଗାଣ ବ୍ୟବସ୍ଥା ।
୬. କୃଷି ଆନୁଷଙ୍ଗିକ ମିଆଦୀ ଋଣ ଯଥା ଗାଇ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି ।
୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ, ଗୃହ ନିର୍ମାଣ ଓ ଉପକରଣ କ୍ରୟ ଋଣ ଓ ସମ୍ପତ୍ତି ବନ୍ଧକ ଋଣ ଅତି କମ୍‌କ ସୁଧରେ ଉପଲବ୍ଧ ।
୮. ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଅତି ସହଜ, ସରଳୀକୃତ କମ ସୁଧରେ ଋଣ ଉପଲବ୍ଧ ।
୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡ଼ା ବାର୍ଷିକ ୮.୧ ହାରରେ ପ୍ରଦାନ କରାଯାଏ ।
୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ ସମୟରେ ଋଣ ପରିଶୋଧ କଲେ ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ ।
୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଉପଲବ୍ଧ ।
୧୨. **IMPS, NEFT, RTGS, AEPS, PoS, CTC, Clearing** ସମେତ **ATM** ଓ **RuPay** କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର **Micro ATM** ମାଧ୍ୟମରେ କୃଷକମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି ।
୧୩. **Safe Deposit Locker** ସଦର ଶାଖା, ଖୋର୍ଦ୍ଧା ମହିଳା ଶାଖା ଓ ଭୁବନେଶ୍ୱର ମହିଳା ଶାଖା ଠାରେ ଉପଲବ୍ଧ ଅଛି ।
୧୪. ସର୍ବନିମ୍ନ ସହାୟକ ମୂଲ୍ୟ **(MSP)** ରେ ସମିତିମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କର ସଞ୍ଚୟ ଖାତାରେ ପୈଠ କରାଯାଇଥାଏ ।
୧୫. ମିଆଦୀ ଜମା **(Fixed Deposit)** ଓ ସଞ୍ଚୟ ଜମା (Saving Deposit) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ **(DICGC)** ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ ।

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ଶ୍ରୀ ସାରଥୀ ଶତପଥୀ**
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

**ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ**
ସଭାପତି
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୫୭)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ )

**ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ ।**
**ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ।। ୫୭ ।।**

(ଯସ୍ମାତ୍ ଏବଂ ତସ୍ମାତ୍)– ସର୍ବକର୍ମାଣି (ନିତ୍ୟାନି ନୈମିତ୍ତିକାନି ଚ ସର୍ବାଣି କର୍ମାଣି) ମୟି ଚେତସା (ବିବେକବୁଦ୍ଧ୍ୟା) ସନ୍ନ୍ୟସ୍ୟ (ସମର୍ପ୍ୟ), ମତ୍ପରଃ (ମତ୍ପରାୟଣଃ) (ସନ୍), ବୁଦ୍ଧିଯୋଗଂ (ବ୍ୟବସାୟାତ୍ମିକୟା ବୁଦ୍ଧ୍ୟା ଯୋଗଂ) ଉପାଶ୍ରିତ୍ୟ ସତତଂ ମଚ୍ଚିତ୍ତଃ (ମୟ୍ୟର୍ପିତମନାଃ) ଭବ ।। ୫୭।।

# ଓଡ଼ିଶାରେ ମେଣ୍ଟ ସରକାର

ଆଗେ ଗୋଟିଏ ଦଳ ହିଁ ସଂଖ୍ୟା ଗରିଷ୍ଠ ଦଳ ଭାବରେ ଦେଶରେ ବା ରାଜ୍ୟରେ ଶାସନ କରି ଆସୁଥିଲେ । ପରେ ସମ୍ଭବତଃ ୧୯୬୯ ବା ତା' ପୂର୍ବରୁ ଭାରତରେ ଓ ଆମ ରାଜ୍ୟରେ ମେଣ୍ଟ ରାଜନୀତି ଓ ମିଳିତ ସରକାରର ସଂସ୍କୃତି ଆରମ୍ଭ ହେଲା । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀ ଏପରି ମିଳିତ ସରକାର ବା ମେଣ୍ଟ ରାଜନୀତିକୁ ଗୁରୁତ୍ୱ ଦେଇଥିଲେ ଏବଂ ସମଗ୍ର ଭାରତରେ ଏହି ମେଣ୍ଟ ରାଜନୀତି ଓ ମିଳିତ ସରକାର ହିଁ ଦେଶକୁ ନୂତନ ସମ୍ଭାବନା ଦେଇ ପାରିବ ବୋଲି କହିଥିଲେ । ଓଡ଼ିଶାରେ ମଧ୍ୟ ଏହି ମେଣ୍ଟ ରାଜନୀତି ଓ ମିଳିତ ସରକାର ଆରମ୍ଭରୁ ଗଠିତ ହୋଇଛି । ଅବଶ୍ୟ ଓଡ଼ିଶାରେ ସ୍ୱାଧୀନତା ପରେ ଏକାକୀ କଂଗ୍ରେସ ଦଳ କ୍ଷମତାସୀନ ହୋଇ ପ୍ରାୟ ୩୧ ବର୍ଷ ପର୍ଯ୍ୟନ୍ତ ଶାସନ କରିବାର ସୁଯୋଗ ଲାଭ କରିଥିଲା । କେବଳ କଂଗ୍ରେସ ଦଳର ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରାୟ ୧୨ ବର୍ଷ ଯାଏଁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ତାଙ୍କ ପରେ ହେମାନନ୍ଦ ବିଶ୍ୱାଳ ଓ ଗରିଧର ଗମାଙ୍ଗ ପ୍ରଭୃତି ଅଳ୍ପ ସମୟ ଲାଗି ମୁଖ୍ୟମନ୍ତ୍ରୀ ହୋଇ ପାରିଥିଲେ ।

ପ୍ରାକ୍ ସ୍ୱାଧୀନତା କାଳରେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ବର୍ଷକ ପରେ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ଦଳର ଉଚ୍ଚ କର୍ତ୍ତୃପକ୍ଷ ନାହିଁ କରିବାରୁ କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ପ୍ରଥମରୁ ମେଣ୍ଟ ବା ମିଳିତ ସରକାର ଗଠନର ସୁଯୋଗ ଲାଭ କରିଥିଲା । ପ୍ରାୟ ତିନି ଚାରି ମାସ ପର୍ଯ୍ୟନ୍ତ ଏହି ସରକାର ଚାଲିବା ପରେ ପୁନର୍ବାର ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ କଂଗ୍ରେସ ଦଳ ସରକାର ଗଠନ କରିଥିଲା । ଅବଶ୍ୟ ସେତେବେଳେ, ଅର୍ଥାତ୍ ପ୍ରାକ୍ ସ୍ୱାଧୀନତା କାଳରେ ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା ।

ସ୍ୱାଧୀନତାର ଉତ୍ତର କାଳରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ (୧୯୫୧ ରୁ ୧୯୫୨ରେ) କଂଗ୍ରେସ ଦଳ ଏକ ସଂଖ୍ୟା ଗରିଷ୍ଠ ଦଳ ହୋଇ ସରକାର ଗଠନ କରି ନ ପାରିବାରୁ କେତେକ ସ୍ୱାଧୀନ ବିଧାୟକଙ୍କ ସହାୟତାରେ ନବକୃଷ୍ଣ ଚୌଧୁରୀ ପ୍ରଥମ କଂଗ୍ରେସ ସରକାର ଗଠନ କରିଥିଲେ । ଏହା ପରେ ୧୯୫୯ରୁ ୧୯୬୧ରେ ଭାରତୀୟ ଜାତୀୟ କଂଗ୍ରେସ ଓ ଗଣତନ୍ତ୍ର ପରିଷଦ ମିଶି ସରକାର ଗଠନ କରିଥିଲେ । ଅବଶ୍ୟ ଏହି ଦୁଇଟି ମେଣ୍ଟ ସରକାରରେ କଂଗ୍ରେସ ଦଳ ପ୍ରାଧାନ୍ୟ ବିସ୍ତାର କରି ଆସୁଥିଲା । ଏହା ପରେ ପ୍ରକୃତରେ ୧୯୬୭ରୁ ୧୯୭୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଦଳ ଓ ଜନ କଂଗ୍ରେସ (ଏକ ଆଞ୍ଚଳିକ ଦଳ) ମିଳିତ ଭାବେ କଂଗ୍ରେସ ଦଳ ବିରୋଧରେ ମେଣ୍ଟ ସରକାର ଗଠନ କରିଥିଲେ । ଏହି ସରକାରରେ ମୁଖ୍ୟମନ୍ତ୍ରୀ ଥିଲେ ରାଜେନ୍ଦ୍ର ନାରାୟଣ ସିଂହଦେଓ (ସ୍ୱତନ୍ତ୍ର) । ଜନ କଂଗ୍ରେସ ଦଳରୁ ଉପ-ମୁଖ୍ୟମନ୍ତ୍ରୀ ଥିଲେ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ । ଏହା ପରେ ୧୯୭୧ରୁ ୧୯୭୨ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଦଳ, ଉତ୍କଳ କଂଗ୍ରେସ ଓ ଝାଡଖଣ୍ଡ ଦଳ, ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ମିଳିତ ସରକାର ଗଠନ କରିଥିଲେ ।

ଏହା ପରେ ଅବଶ୍ୟ ଓଡ଼ିଶାରେ କଂଗ୍ରେସ ଦଳ କ୍ଷମତାସୀନ ହୋଇଥିଲା ଅନେକ ବର୍ଷ ଧରି । କିନ୍ତୁ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ପ୍ରାୟ ନଅ ବର୍ଷ କାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଓ ବିଜେପି ମିଳିତ ଭାବେ ମେଣ୍ଟ ସରକାର ଗଠନ କରିଥିଲେ । ଏହା ପରେ ଉଭୟ ଦଳ ମଧ୍ୟରେ ବିବାଦ ଆରମ୍ଭ ହେବାରୁ ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ପ୍ରାୟ ପନ୍ଦର ବର୍ଷରୁ ଅଧିକ କାଳ ଓଡ଼ିଶାରେ ବିଜେଡି ସରକାର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ।

୨୦୨୪ରେ ପୁଣି ରାଜ୍ୟରେ ବିଜେଡି ସରକାରଙ୍କୁ ଲୋକେ ବର୍ଜନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଓଡ଼ିଶାରେ ଏକାକୀ ବିଜେପି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କ୍ଷମତାସୀନ ହୋଇ ପାରିଛି । ମିଳିତ ବା ମେଣ୍ଟ ସରକାରର ସଂସ୍କୃତି ପୁନର୍ବାର ଆରମ୍ଭ ହୋଇଛି । ଦେଖାଯାଉ, ଓଡ଼ିଶାରେ ଏକାକୀ ସରକାର ଗଠନ କରିଥିବା ବିଜେପି ରାଜ୍ୟରେ କିପରି କାର୍ଯ୍ୟ କରୁଛି ।

## ଶ୍ରୀଜଗନ୍ନାଥ ବିସ୍ମୟ

**ଶ୍ରୀଜଗନ୍ନାଥ ସଂପୂର୍ଣ୍ଣ ଜଗତର ପ୍ରତୀକ ଓ ତାଙ୍କରି ସଂସ୍କୃତିରେ ପୂର୍ଣ୍ଣ ମାନବୀୟ ଲୀଳା ପରିଲକ୍ଷିତ । କାଷ୍ଠରେ ନିଜ ସ୍ୱରୂପକୁ ପ୍ରକାଶ କରି ସେ ପ୍ରକୃତିର ସୂଚକ, ଘଟ ପରିବର୍ତ୍ତନ କରି ସେ ନିଜେ ଜନ୍ମମୃତ୍ୟୁ ଚକ୍ର ଭିତରେ ଆବଦ୍ଧ, ଅସୁସ୍ଥ ହୋଇ ଚଉଦ ଦିନ ଅଣସର ଯାଇ ନିଜେ ସୃଷ୍ଟିର ନିୟମକୁ ପାଳନ କରନ୍ତି । କିନ୍ତୁ ଆମେ ପ୍ରକୃତିକୁ ଅବମାନନା କରି ସମଗ୍ର ବିଶ୍ୱକୁ ଶୁଆଇ ଦେଇଛୁ ଅଣସରରେ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନିଯୁକ୍ତିରେ ଦୁର୍ନୀତି: ବ୍ୟବସ୍ଥାର ଅନ୍ତ କେବେ?



## ପ୍ରହ୍ଲାଦ କୁମାର ସିଂହ

ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପାଇଁ ପ୍ରବେଶିକା ପରୀକ୍ଷା ପୂର୍ବରୁ ବ୍ୟାପକ ହେର୍‌ଫେର୍ ଘଟଣା ପଦାରେ ପଡ଼ିବାରେ ୧୧୪ ଜଣ ଚାକିରି ପ୍ରତ୍ୟାଶୀ ଓ ଏହି କେଳେଙ୍କାରୀରେ ସଂପୃକ୍ତ କିଛି ଲୋକଙ୍କୁ ପୁଲିସ ଗିରଫ କରିଛି । ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚାଲିଥିବାବେଳେ କେହି କେହି ସିବିଆଇ ତଦନ୍ତ ଲାଗି ଦାବି କରୁଛନ୍ତି ତ ଆଉ କେହି ବିଚାର ବିଭାଗୀୟ ତଦନ୍ତ କଥା ଉଠାଉଛନ୍ତି । ଏହି ଘଟଣା ପୁଣିଥରେ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ପ୍ରସଙ୍ଗକୁ ନେଇ ରାଜନୈତିକ ସ୍ତରରେ କାଦୁଅ ଫିଙ୍ଗା ଚାଲିଥିବାବେଳେ ବେକାରୀ ଓ ବେରୋଜଗାରୀ ଯୁଗରେ ଚାକିରି ପ୍ରତ୍ୟାଶୀଙ୍କ ମନରେ ଆଶଙ୍କାର ଝଡ଼ ଉଠିଛି । ସତରେ କଣ ସରକାରୀ ଚାକିରି ବିକିରି ହେଉଛି ଓ ବିନା ପଇସାରେ ଚାକିରି ମିଳୁନାହିଁ? ଏ ପ୍ରଶ୍ନ ଉଠିବା ସ୍ୱାଭାବିକ ।

କିଛିଦିନ ତଳେ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟତାର ମାନ ପରଖିବା ଲାଗି ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ଧରାପଡିଲା । ଏହି ପ୍ରସଙ୍ଗରେ ମାଧ୍ୟମିକ ଶିକ୍ଷା ବୋର୍ଡର କିଛି ବରିଷ୍ଠ ଅଧିକାରୀଙ୍କ ସମେତ ଆଉ କେତେକ କର୍ମଚାରୀ ଓ ମଧ୍ୟସ୍ଥି ଗିରଫ ହେଲେ । ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ନହେଲେ ଅନେକ ଶିକ୍ଷକଙ୍କ ଚାକିରିର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ରହିବ । ତେଣୁ କୌଣସି ପ୍ରକାରେ ଓଟିଇଟି ବନ୍ଧ ଡିଆଁଇଦେବା ପାଇଁ ମୋଟା ଅଙ୍କର ଅର୍ଥ ବିନିମୟରେ ଗଳାବାଟ ସୃଷ୍ଟି କରାଯାଉଥିବା ବାରମ୍ବାର ଧରାପଡୁଥିଲେ ମଧ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରୁ ନାହିଁ ।

ରାଜସ୍ୱ ବିଭାଗର କ୍ଷେତ୍ର କର୍ମଚାରୀ ନିଯୁକ୍ତି ଘଟଣାରେ ଯେଉଁ କେଳେଙ୍କାରୀ ଉପୁଜିଲା ତାହା ଆମ ବ୍ୟବସ୍ଥାର ସଙ୍କୋଚ ପଣିଆକୁ ପଦାରେ ପକାଇ ଦେଲା । ଓଡ଼ିଶା ବିଚାର ବିଭାଗୀୟ ସେବା ପରୀକ୍ଷା ଖାତା ମୂଲ୍ୟାଙ୍କନରେ ତ୍ରୁଟି ଘେନି ରୁଜୁ ହୋଇଥିବା ଏକ ମାମଲାରେ ସତ୍ୟାସତ୍ୟ ହାଇକୋର୍ଟଙ୍କ ରାୟ ପରେ ପଦାକୁ ଆସିଲା । ଏଭଳି ଘଟଣାରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ କ୍ଷତିଗ୍ରସ୍ତ ପ୍ରାର୍ଥୀଙ୍କୁ ଲକ୍ଷେ ଟଙ୍କା କ୍ଷତିପୂରଣ ଦେବାକୁ ଯେଉଁ ଆଦେଶ କରିଥିଲେ ତାହା ବିରୋଧରେ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅପଦସ୍ତ ହେଲେ । ସେହିଭଳି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ପ୍ରିଲିମନାରୀ, ଲିଖିତ ଓ ମୌଖିକ ପରୀକ୍ଷା ପରେ କମିଶନ ବାତିଲ କରିଦେବା ପ୍ରସଙ୍ଗ ହାଇକୋର୍ଟରେ ଉଠିଥିଲା । ପ୍ରାୟ ୫ବର୍ଷ ଧରି ବଞ୍ଚିତ ପ୍ରାର୍ଥୀ ଜଣକ ଅଦାଲତି ଲଢ଼େଇ ଲଢ଼ିବା ପରେ ହାଇକୋର୍ଟଙ୍କ ନିରପେକ୍ଷ ରାୟ ଆଧାରରେ ଓଏଏସ୍ ଚାକିରିରେ ନିଯୁକ୍ତି ପାଇଲେ ।

ଏ ପ୍ରସଙ୍ଗରେ ଏହି କ୍ଷତିଗ୍ରସ୍ତ ପ୍ରାର୍ଥୀଙ୍କୁ ଲକ୍ଷେ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ଆଦେଶ ଆଧାରରେ ସାଧାରଣ ପ୍ରଶାସନ ବିଭାଗ କମିଶନକୁ ଚିଠି ଲେଖିଥିଲେ ମଧ୍ୟ ଏଯାବତ୍ ଏହି ଅର୍ଥ ଦିଆଯାଇ ନାହିଁ କିମ୍ବା ରାୟ ମୁତାବକ ହାଇକୋର୍ଟରେ କର୍ତ୍ତୃପକ୍ଷ ଅନୁପାଳନ ରିପୋର୍ଟ ମଧ୍ୟ ଦାଖଲ କରିନାହାନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଏହି ପ୍ରାର୍ଥୀ ଜଣକ ୧୩୬୫ ନମ୍ବର ରଖିଥିବା ବେଳେ ତାଙ୍କୁ ଉପେକ୍ଷା କରାଯାଇ ଢେର କମ୍ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ଓଏଏସ୍ ଭାବେ ନିଯୁକ୍ତି ଦିଆଯାଇଥିଲା ।

ଆଗରୁ ପୁଲିସ ନିଯୁକ୍ତି କ୍ଷେତ୍ରରେ ହେରଫେର ଘଟଣାରେ ବହୁ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ସରକାର ମାମଲା ରୁଜୁ କରିଥିଲେ । କଟକର ଓଡ଼ିଶା ପୁଲିସ ସଶସ୍ତ୍ର ବାହିନୀ-ଷଷ୍ଠ ବାଟିଲିଆନ୍‌ରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଅନୁପଯୁକ୍ତ ଦର୍ଶାଇ ଜାଲିଆତି କରି କାଟି ଦିଆଯାଇଥିଲା । ଏହା ବିରୋଧରେ ଯୋଗ୍ୟ ପ୍ରାର୍ଥୀ ଜଣକ ଅଦାଲତି ଲଢ଼େଇ ଲଢ଼ିଲେ ଏବଂ ଶେଷରେ ଜାଲିଆତି ଧରାପଡିଲା । ତାଙ୍କ ଡାକ୍ତରୀ ପରୀକ୍ଷା ରିପୋର୍ଟରେ Fit (ଫିଟ୍) ଲେଖାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏଥିରେ ଜାଲିଆତି କରି UNFit (ଅନ୍‌ଫିଟ୍) ଲେଖି ଶେଷ ମୁହୂର୍ତ୍ତରେ ଚାକିରିରୁ ବଞ୍ଚିତ କରାଗଲା । ଏହା ବିରୋଧରେ ସେ ମାମଲା ରୁଜୁ କରିବାରୁ ଜାଲିଆତି ଧରାପଡିଲା ଓ ବଞ୍ଚିତ ପ୍ରାର୍ଥୀ ଜଣକ ନ୍ୟାୟ ସହିତ ଚାକିରି ପାଇଲେ ।

ସେହିଭଳି କନିଷ୍ଠ ଯନ୍ତ୍ରୀ ପଦବୀରେ ନିଯୁକ୍ତି ଷ୍ଟାଫ୍ ସିଲେକ୍‌ସନ୍ କମିଶନ୍ ମାଧ୍ୟମରେ ହେବ ବୋଲି ଆଇନ୍‌ରେ ବ୍ୟବସ୍ଥା ଥିବାବେଳେ ୨୦୧୩ରେ ଏଥିରେ ବ୍ୟତିକ୍ରମ ଘଟାଯାଇ ପୁରୁଣା ପ୍ୟାନେଲ୍‌ରୁ ନାମ ମଗାଇ ବିଭିନ୍ନ ବିଭାଗର କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ କରାଗଲା । ସେତେବେଳେ ବି ଚାକିରି ବିକିରି ପ୍ରସଙ୍ଗ ଚର୍ଚ୍ଚାକୁ ଆସିଥିଲା । ଚାହିଦା ମୁତାବକ ଅର୍ଥ ଦେଇନପାରିବାରୁ ଅନୁସୂଚିତ ଜନଜାତି ବର୍ଗର ଅନ୍ୟୁନ ୬୩ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ଜଳ ସଂପଦ ବିଭାଗ ଅଧୀନରେ ନିଯୁକ୍ତି ମିଳିଲା ନାହିଁ । କର୍ତ୍ତୃପକ୍ଷଙ୍କ ନିକଟକୁ ବାରମ୍ବାର ଦୌଡ଼ିବା ପରେ ସେମାନେ ଆଇନ୍ ଅଦାଲତର ଦ୍ୱାରସ୍ଥ ହେଲେ ଏବଂ ନ୍ୟାୟ ପାଇବା ପରେ ବହୁ କଷ୍ଟରେ ନିଯୁକ୍ତି ପାଇଲେ । ସେ ସମୟରେ ପଞ୍ଚାୟତିରାଜ ବିଭାଗକୁ ପ୍ୟାନେଲ୍‌ରୁ ଯେଉଁମାନଙ୍କ ନାମ କଟାଯାଇଥିଲା ସେମାନଙ୍କ ଭିତରୁ ଏସ୍‌ସିବିସି ବର୍ଗର କେତେକ ପ୍ରାର୍ଥୀ ଏଯାବତ୍ ନିଯୁକ୍ତି ପାଇନାହାନ୍ତି । ଏ ସଂକ୍ରାନ୍ତୀୟ ମାମଲା ଅଦାଲତରେ ଗଡୁଥିବା କୁହାଯାଉଛି । ଶହ ଶହ ନିଯୁକ୍ତି ଦୁର୍ନୀତିରୁ ଏହା କେବଳ କେତୋଟି ଉଦାହରଣ ମାତ୍ର ।

ବ୍ୟବସ୍ଥାର ରେଳ ଧାରଣା ଉପରେ ଶାସନ ଚଳାଉଥିବା ରାଜନେତା ଓ ପ୍ରଶାସକମାନେ ଇଞ୍ଜିନ ଓ ବଗି ଗଢ଼ାନ୍ତି । ତେଣୁ ଦଶନ୍ଧି ଦଶନ୍ଧି ଧରି ଗଢ଼ି ଆସୁଥିବା ଚାକିରି ବିକିରି ବ୍ୟବସ୍ଥା ସଂକ୍ରାନ୍ତରେ ଚାକିରି ପ୍ରତ୍ୟାଶୀଙ୍କ ଭିତରେ ଏଭଳି ପ୍ରଚାର ହେଉଛି ଯେ ବେକାରୀ ଦୁନିଆରେ ଚାକିରି ଖଣ୍ଡେ ପାଇବା ପାଇଁ କେତେକଙ୍କ ପରିବାର ଜମିବାଡ଼ି ସମେତ ଅଳଙ୍କାର ଓ ସଞ୍ଚିତ ସଂପତ୍ତି ବିକିବା ସହିତ ଚଢ଼ା ସୁଧରେ ଧାର କରଜ ଆଣି ଚାକିରି ପାଇଁ ବାଜି ଲଗାଇ ଦେଉଛନ୍ତି । ବ୍ୟବସ୍ଥାକୁ ଦୁର୍ନୀତି ବ୍ୟାଧି ଏଭଳି ଖାଇ ଚାଲିଛି ଯେ କେତେବେଳେ ତାହା ଭୁଶୁଡ଼ି ପଡ଼ିବ ଜଣାନାହିଁ ।

୨୦୨୩ ଡିସେମ୍ବର ଶେଷ ବେଳକୁ ଓଡ଼ିଶା ସରକାରଙ୍କ ଅଧୀନରେ ୨,୦୫,୨୨୮ଟି ପଦବୀ ଖାଲି ପଡିଥିବା ୨୦୨୪ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ । ୧୫.୦୯.୨୦୨୫ରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ ଯେ ୧୫ମାସ ଭିତରେ ୩୦,୦୩୨ଟି ସରକାରୀ ପଦବୀରେ ନିଯୁକ୍ତି ଦିଆଯାଇଛି । ୨୦୨୪ ଜାନୁଆରୀ ମାସରୁ ଏଯାବତ୍ କେତେ କର୍ମଚାରୀ ଅବସର ନେଇଛନ୍ତି, ମୃତ୍ୟୁବରଣ କରିଛନ୍ତି, ଚାକିରିରୁ ବିଦା ହୋଇଛନ୍ତି ଓ ଇସ୍ତଫା ଦେଇଛନ୍ତି ତାହାର ପୂର୍ଣ୍ଣାଙ୍ଗ ପରିସଂଖ୍ୟାନ ପ୍ରକାଶ ପାଇନଥିଲେ ମଧ୍ୟ ଏହି ୨୧ମାସ ଭିତରେ ଅନ୍ୟୁନ ୩୦ ହଜାର ପଦବୀ ଖାଲି ହୋଇଥିବ ବୋଲି ଅନୁମାନ କରାଯାଉଛି । ତେଣୁ ମୋଟାମୋଟି ଭାବେ ଏବେ ରାଜ୍ୟରେ ୨ଲକ୍ଷରୁ ଅଧିକ ସରକାରୀ ଚାକିରି ଖାଲି ରହିଛି । ଏଣେ ସଂଖ୍ୟାଧିକ ଶିକ୍ଷିତ ଯୁବକ ଯୁବତୀ ଚାକିରି ନପାଇ ଗଭୀର ମନସ୍ତାପ ଭିତରେ ଗତି କରୁଛନ୍ତି । ସେମାନଙ୍କ ପରିବାରର ଦୁଃଖ କଥା ନକହିଲେ ଭଲ ।

ରାଜ୍ୟ ବିଧାନସଭାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ୨୯.୧୧.୨୦୨୪ରେ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି, ସେଥିରୁ ଜଣାପଡୁଛି ଯେ **ରାଜ୍ୟର ବିଭିନ୍ନ ବର୍ଗର ଚାକିରିରେ ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ଯେତେ ସ୍ଥାନ ସଂରକ୍ଷିତ ରହିଛି ତାହା ପୂରଣ ହେଉନାହିଁ । ଏହି ଉତ୍ତର ମୁତାବକ ଏସ୍‌ସି ବର୍ଗର ମାତ୍ର ୯.୩୧ ପ୍ରତିଶତ ଓ ଏସ୍‌ଟି ବର୍ଗର ମାତ୍ର ୧୦.୦୬ ପ୍ରତିଶତ କର୍ମଚାରୀ ଥିଲେ। ଅର୍ଥାତ୍ ପ୍ରାୟ ଅଧା ସଂରକ୍ଷିତ ପଦବୀ ଖାଲି । ଆଇନ୍‌ଗତ ବ୍ୟବସ୍ଥା ମୁତାବକ ଏହି ସଂରକ୍ଷିତ ବର୍ଗର ଚାକିରି ଖାଲି ପଡିଲେ ସରକାର ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟାରେ ତାହା ପୂରଣ କରିବା କଥା । କିନ୍ତୁ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ସେମାନଙ୍କ ଲାଗି ସଂରକ୍ଷିତ ସବୁ ପଦପଦବୀ ଦେବା ପରିବର୍ତ୍ତେ ବର୍ଷ ବର୍ଷ ଧରି ତାହା ଖାଲି ରଖାଯାଇ ଅନ୍ୟପକ୍ଷରେ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗଙ୍କ ମଧ୍ୟରେ ବିଭେଦର ବିଷ ଏଭଳି ବୁଣାଯାଉଛି ଯେ ଅନେକ ସରକାରୀ ଦପ୍ତରରେ କ୍ୟାଡର କର୍ମଚାରୀଙ୍କ ଭିତରେ ଭାଇଚାରା ନଷ୍ଟ ହେବା ସହ ଆଇନ୍ ଅଦାଲତରେ ଲଢ଼େଇ ଚାଲୁଛି ।**

**ଏଭଳି ସ୍ଥିତିରେ ସମ୍ବିଧାନ ପ୍ରଦତ୍ତ ସମାନତାର ଅଧିକାର ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଥିବାବେଳେ ବହୁ ବର୍ଷ ଧରି ଚାକିରି ବିକିରି ଏକ କଳଙ୍କିତ ପ୍ରଥାରେ ପଡ଼ିଛି । ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ଦେଇ ଚାକିରି ପାଉଛନ୍ତି ସେମାନେ ଚାକିରି କରିବା ପରେ କୋଟି କୋଟି ଟଙ୍କାର କଳା ସଂପତ୍ତି ଠୁଳ ପ୍ରତିଯୋଗିତାରେ ଲାଗିପଡ଼ିବା ସ୍ୱାଭାବିକ । ଏହାର ସାମୁହିକ କୁପ୍ରଭାବ ବି ମେଧା ଭିତ୍ତିରେ ଚାକିରି ପାଉଥିବା କର୍ମଚାରୀଙ୍କ ଉପରେ ପଡୁଛି । ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟକୁ ବିଗାଡ଼ିଥାଏ ନିଶା । ଅଥଚ ମଦୁଆଙ୍କ ଚାହିଦା ପୂରଣ ପାଇଁ ସରକାର ଅଧିକରୁ ଅଧିକ ମଦ ଯୋଗାଇଥାନ୍ତି । କିନ୍ତୁ ବେକାର ଯୁବକ ଯୁବତୀଙ୍କ କର୍ମନିଯୁକ୍ତି ବେଳକୁ ଡିମାଣ୍ଡ-ସପ୍ଲାଇ ଥିଓରୀକୁ ଅଣଦେଖା କରି କରାଯାଉଥିବାବେଳେ ବିଗୁଡୁଥିବା ବ୍ୟବସ୍ଥାକୁ ସଜାଡ଼ିବ କିଏ ?**

୧୯୯୯ ମସିହାରୁ ଲଗାତାର ଭାବେ ସରକାର ବହୁ ପଦବୀ ଉଚ୍ଛେଦ କରିଆସୁଛନ୍ତି । ଖାଲି ପଡୁଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ କରାନଯାଇ ବର୍ଷ ବର୍ଷ ଧରି ଶୀତଳ ଭଣ୍ଡାରରେ ରଖାଯାଉଛି । ରାଜ୍ୟ ଓ ଦେଶର ଆର୍ଥିକ ଅବସ୍ଥାକୁ ଆଖି ଆଗରେ ରଖି ମିତବ୍ୟୟିତା ଆଳରେ ପଦବୀ ପୂରଣ କରିବାରେ ବିଳମ୍ବ ଘଟାଯାଉଛି । ଫଳରେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ହୋମିଓପ୍ୟାଥିକ ଡିସପେନ୍‌ସାରୀରୁ ସରକାରୀ ମେଡିକାଲ୍ କଲେଜ୍ ପର୍ଯ୍ୟନ୍ତ, ଥାନା-ଫାଣ୍ଡିରୁ କୋର୍ଟ ପର୍ଯ୍ୟନ୍ତ ଚାରିଆଡ଼େ ହଜାର ହଜାର ପଦବୀ ଖାଲି । ଯେକୌଣସି ଦପ୍ତରକୁ ଗଲେ ସେଠାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀଠାରୁ ଆରମ୍ଭ କରି ଉପର ପାହ୍ୟା ପର୍ଯ୍ୟନ୍ତ ପଦବୀ ଖାଲି ପଡୁଥିବା ବାରି ହୋଇଯାଉଛି । ଏମିତିକି ଖୋଦ୍ ରାଜ୍ୟ ସଚିବାଳୟରେ ଜଣେ ଜଣେ ଅଧିକାରୀ କାମ ଚଳାଇବା ପାଇଁ ଏକାଧିକ ଦାୟିତ୍ୱରେ ରହିଛନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ପଦବୀଠାରୁ ଆରମ୍ଭ କରି କଲେଜ୍‌ର ଅଧ୍ୟକ୍ଷ ଓ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ପଦବୀ ମଧ୍ୟରୁ ଅଧିକାଂଶ ଭାରପ୍ରାପ୍ତଙ୍କ ଦ୍ୱାରା ଚାଲିଛି ।

ସରକାରୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସଂକୁଚିତ ହେଉଥିବାବେଳେ ଯେତେବେଳେ ବି କାଁ ଭାଁ କେମିତି ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଉଛି ସେତେବେଳେ ଚାକିରି ପ୍ରତ୍ୟାଶୀମାନେ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପାଇବା ଲାଗି ପ୍ରତିଯୋଗିତା ଚଳାଉଛନ୍ତି । ଏହାର ଫାଇଦା ନେଇ ଦଲାଲମାନେ ମୁନାଫା ଉଠାଉଛନ୍ତି । ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପାଇଁ ବିଭାଗର ସ୍ୱତନ୍ତ୍ର ବୋର୍ଡ ଥିବାବେଳେ ଘରୋଇ ସଂସ୍ଥାମାନଙ୍କୁ ପରୀକ୍ଷା ପରିଚାଳନା ଓ ପ୍ରାର୍ଥୀ ଚୟନ ଦାୟିତ୍ୱ ଦିଆଯାଉଛି କାହିଁକି ? ଓଟିଇଟି ସମେତ ବିଭିନ୍ନ କେଳେଙ୍କାରୀର କାରଣ ବି ଘରୋଇ ସଂସ୍ଥା ହାତରେ ପରୀକ୍ଷା ପରିଚାଳନା ଦାୟିତ୍ୱ ଟେକିଦେବା । କେବଳ ସେତିକି ନୁହେଁ, ପ୍ରାୟ ୪୦ବର୍ଷ ଧରି ଚାକିରି ଖଣ୍ଡେ ପାଇଁ ଲୋକେ ରାଜନେତା ଓ ପ୍ରଶାସକଙ୍କ ପଛରେ ଦୌଡୁଛନ୍ତି । ଅବଶ୍ୟ କେତେକ କ୍ଷେତ୍ରରେ ଏମାନଙ୍କ ସୁପାରିସ ଆଧାରରେ ନିଯୁକ୍ତି ମିଳୁଥିବା କୁହାଯାଉଛି । ତେବେ ଆଇନ୍ ଦୃଷ୍ଟିରୁ ଏମାନଙ୍କ ସୁପାରିସ ଆଧାରରେ ନିଯୁକ୍ତି ଲାଗି ବ୍ୟବସ୍ଥାର ଗଳାବାଟ ଦେଇ ଯେଉଁ କଳା କାରବାର ଚାଲୁଛି ତାହା ସଂପୂର୍ଣ୍ଣ ବେଆଇନ୍ ହୋଇଥିଲେ ମଧ୍ୟ ଯେତେବେଳେ ଆଇନ୍‌ର ରକ୍ଷକମାନେ ତାହାର ଭକ୍ଷକ ହେବେ ସେତେବେଳେ ବ୍ୟବସ୍ଥା ସୁଧୁରିବ କିପରି? ଏଭଳି ସ୍ଥିତିରେ ସମ୍ବିଧାନ ପ୍ରଦତ୍ତ ସମାନତାର ଅଧିକାର ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଥିବାବେଳେ ବହୁ ବର୍ଷ ଧରି ଚାକିରି ବିକିରି ଏକ କଳଙ୍କିତ ପ୍ରଥାରେ ପଡ଼ିଛି । ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ଦେଇ ଚାକିରି ପାଉଛନ୍ତି ସେମାନେ ଚାକିରି କରିବା ପରେ କୋଟି କୋଟି ଟଙ୍କାର କଳା ସଂପତ୍ତି ଠୁଳ ପ୍ରତିଯୋଗିତାରେ ଲାଗିପଡ଼ିବା ସ୍ୱାଭାବିକ । ଏହାର ସାମୁହିକ କୁପ୍ରଭାବ ବି ମେଧା ଭିତ୍ତିରେ ଚାକିରି ପାଉଥିବା କର୍ମଚାରୀଙ୍କ ଉପରେ ପଡୁଛି । ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟକୁ ବିଗାଡ଼ିଥାଏ ନିଶା । ଅଥଚ ମଦୁଆଙ୍କ ଚାହିଦା ପୂରଣ ପାଇଁ ସରକାର ଅଧିକରୁ ଅଧିକ ମଦ ଯୋଗାଇଥାନ୍ତି । କିନ୍ତୁ ବେକାର ଯୁବକ ଯୁବତୀଙ୍କ କର୍ମନିଯୁକ୍ତି ବେଳକୁ ଡିମାଣ୍ଡ-ସପ୍ଲାଇ ଥିଓରୀକୁ ଅଣଦେଖା କରି କରାଯାଉଥିବାବେଳେ ବିଗୁଡୁଥିବା ବ୍ୟବସ୍ଥାକୁ ସଜାଡ଼ିବ କିଏ ?

*E-mail: prahalladsinha@gmail.com*
ମୋ- ୯୪୩୭୦୧୭୩୯୫

# ପାରା ମଳ ହିଁ କାଳ

## ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆମେ ଆମର ନିତିଦିନିଆ ଜୀବନରେ ପ୍ରତିଦିନ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବା ଏକ ପୁଣ୍ୟ କାର୍ଯ୍ୟ ଭାବେ ଏଯାବତ୍ ଆମର ବିଶ୍ୱାସ ରହିଆସିଛି । ଆଧ୍ୟାତ୍ମିକ ଶାସ୍ତ୍ରରେ ଏହି ସେବା କାର୍ଯ୍ୟକୁ 'ଭୂତଯଜ୍ଞ' କୁହାଯାଇଥାଏ । ତେବେ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବା ବିଶେଷକରି ଖୋଲାମେଲା ସ୍ଥାନରେ ଖାଦ୍ୟ ଦେବା ଓ ପରବର୍ତ୍ତୀ ସମୟରେ ତଦ୍‌ଜନିତ ଅସ୍ୱାସ୍ଥ୍ୟକର ପରିବେଶ ଓ ପରିପାର୍ଶ୍ୱିକ ସମସ୍ୟା ନେଇ ପ୍ରଶ୍ନ ମଧ୍ୟ ଉଠିଥାଏ ।

ଆପଣ ଅନେକଙ୍କ ଘରେ ଦେଖିଥିବେ ସକାଳୁ ପାରାମାନଙ୍କୁ ଖୋଲା ଅଗଣାରେ ଖାଦ୍ୟ ଖାଉଥିବାର । ସେହିପରି ବିଭିନ୍ନ ଦୋକାନୀମାନେ ସେମାନଙ୍କ ବେପାର ବଣିଜ ପୂର୍ବରୁ ପାରାମାନଙ୍କୁ ଖାଦ୍ୟ ଓ ପାଣି ଦେଇଥାନ୍ତି । ପାରା ଓ ମଣିଷ ସହିତ ସମ୍ପର୍କ ଅନେକ ପୁରୁଣା । ଚିଠି ପଠାଇବାର ବିଶ୍ୱସ୍ତ ପତ୍ର ବାହାକ ଏକଦା ଥିଲା ଏହି ପାରା । ସେହିପରି ଘରକୁ ପାରା ଆସିଲେ କେବଳ ଶୁଭଙ୍କର ନୁହେଁ ସକାଳୁ ଉଠି ପାରାଙ୍କୁ ଖାଦ୍ୟ ଦେବା ଏକ ବଡ଼ ସେବା କାର୍ଯ୍ୟ ଭାବେ ଅନେକ ବିଚାର କରିଥାନ୍ତି । ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବିଶ୍ୱସ୍ତରରେ ଏହି ପାରାମାନଙ୍କ ସଂଖ୍ୟା କମାଇବା ପାଇଁ ଉଦ୍ୟମ ଆରମ୍ଭ ହେଲାଣି । ସିଙ୍ଗାପୁର ହେଉଛି ପୃଥିବୀର ଏକମାତ୍ର ଦେଶ ଯେଉଁଠି ପାରାଙ୍କୁ ଜଣେ ଖାଦ୍ୟ ଦେଲେ ତାଙ୍କୁ ଜୋରିମାନା ଦେବାକୁ ପଡ଼ିଥାଏ ।

ପାରାମାନଙ୍କୁ କୁହାଯାଏ ଉଡନ୍ତା ମୂଷା। ମୂଷା ଭଳି ପାରାମାନେ ମଧ୍ୟ ବହୁ ରୋଗ ଜୀବାଣୁ ବାହାକ । ପାରାଙ୍କ ଯୋଗୁଁ ବର୍ଡ଼ ବ୍ରିଡ଼ର୍ସ ଲଙ୍ଗ ବା ହାଇପରସେନସଟିଭିଟି ନ୍ୟୁମାଟାଇଟିସ ରୋଗ ମଣିଷ ଠାରେ ସଂକ୍ରମିତ ହୋଇଥାଏ । ହିଷ୍ଟୋପ୍ଲାଜମା କାପ୍ସୁଲାଟମ, କ୍ୟାଣ୍ଡିଡା ସ୍ପେସିସେସ୍ ଓ କ୍ରିଷ୍ଟୋକୋକସ ନିଓଫର୍ମାନ୍ସ ଭଳି କବକ ପାରା ମଳରେ ବଢ଼ିଥାନ୍ତି । ଏହି ରୋଗ ସୃଷ୍ଟିକାରୀ କବକକୁ ପାରା ମଣିଷଙ୍କ ସଂସ୍ପର୍ଶରେ ଆଣିଥାଏ ।

ଏକ ୪୦୦ ଗ୍ରାମ ଓଜନର ପାରା ତାର ସମ୍ପୂର୍ଣ୍ଣ ଜୀବନ କାଳ ମଧ୍ୟରେ ୧୧ କେ.ଜି. ମଳତ୍ୟାଗ କରିଥାଏ । ଏହି ମଳ ସହର ବା ଗ୍ରାମାଞ୍ଚଳର ଏଣେତେଣେ ପଡ଼ି ଶୁଖି ଧୂଳିକଣା ହୋଇ ବାୟୁମଣ୍ଡଳରେ ମିଶି ଯାଇଥାଏ । ଏହି ଧୂଳିକଣା ଶ୍ୱାସକ୍ରିୟା ଦ୍ୱାରା ମଣିଷର ଫୁସଫୁସରେ ପ୍ରବେଶ କରେ । ସେଥିରେ ଥିବା କବକ ଓ ଜୀବାଣୁ ଫୁସଫୁସ ସଂକ୍ରମଣର କାରଣ ହୁଅନ୍ତି । ଏହା ଫୁସଫୁସର ବାୟୁକୋଷ ଫୁଲାଇ ଦିଏ । ଫଳରେ ଅଣନିଃଶ୍ୱାସୀ ଲାଗିବା ସହ କାଶ ହୋଇଥାଏ । ଏହି ସ୍ଥିତିକୁ ବର୍ଡ଼ ବ୍ରିଡ଼ର୍ସ ଲଙ୍ଗ ବା ହାଇପରସେନସିଟିଭିଟି ନ୍ୟୁମାଟାଇଟିସ କୁହାଯାଏ । ଯଥାଶୀଘ୍ର ଏହାର ଚିକିତ୍ସା ନ କଲେ ମୃତ୍ୟୁ ଆଶଙ୍କା ବି ରହିଛି । ଏଥିସହ ଏହା ନିମୋନିଆ, ବ୍ରୋଙ୍କାଇଟିସ ଓ ଶ୍ୱାସ ଆଦି ରୋଗକୁ ମଧ୍ୟ ବଢ଼ାଇଦିଏ ।

ବୈଜ୍ଞାନିକଙ୍କ ମତରେ ପରାମାନେ ସାଧାରଣତଃ ମଣିଷ ଖାଉଥିବା ଖାଦ୍ୟ ସହ ନିଜକୁ ଖାପଖୁଆଇ ନିଅନ୍ତି । ସହର ଓ ଗ୍ରାମାଞ୍ଚଳରେ ପ୍ରଚୁର ପରିମାଣରେ ଖାଦ୍ୟ ମିଳିଯାଉଥିବାରୁ ସେମାନଙ୍କ ପ୍ରଜନନ ହାର ବଢ଼ିବା ସହ ବଂଶବୃଦ୍ଧି ହେଉଛି । ବିଶେଷକରି ଦିଲ୍ଲୀ, ପୁନେ, ମୁମ୍ବାଇ, ଭୁବନେଶ୍ୱର ଆଦି ସହରାଞ୍ଚଳରେ ପାରାମାନଙ୍କ ସଂଖ୍ୟା ବଢୁଥିବା ବେଳେ ଫୁସଫୁସ ସଂକ୍ରମଣଜନିତ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି । ତଥ୍ୟ କହୁଛି ଭାରତରେ ଇରଷ୍ଟିସିଆଲ ଫୁସଫୁସ ରୋଗରେ ୪୭.୩ ପ୍ରତିଶତ କେବଳ ହାଇପରସେନସିଟିଭିଟି ନ୍ୟୁମାଟାଇଟିସ ମାମଲା ଅଟେ । ପାରା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ, ତାହା ଏଥିରୁ ସ୍ପଷ୍ଟ ହୁଏ ।

ପାରା ମଳ ଫୁସଫୁସ ସଂକ୍ରମଣର କାରଣ । ପାରାଙ୍କ ବଂଶବୃଦ୍ଧି ହେବା ଫଳରେ ସେମାନଙ୍କର ଅପାଚ୍ୟ ଖାଦ୍ୟରୁ ବହୁ ବିଷାକ୍ତ ବାଷ୍ପ ବାହାରି ଫୁସଫୁସ ସଂକ୍ରମିତ ହେଉଛି । ବିଶେଷକରି ଯେଉଁ ସ୍ଥାନରେ ଅଧିକ ପାରା ରହିଛନ୍ତି ବା ପାରାମାନଙ୍କୁ ଖାଇବାକୁ ଦିଆଯାଉଛି, ସେହି ଅଞ୍ଚଳରେ କ୍ରୋନିକ ଅବଷ୍ଟ୍ରକ୍ଟିଭ ପଲମୋନାର ଡିଜିଜ ଅଧିକ ହେଉଥିବା ଦେଖାଯାଉଛି ।

ବୟସ୍କମାନେ ଏଥିରେ ଅଧିକ ସଂକ୍ରମିତ ହେଉଛନ୍ତି । ପ୍ରକୃତିର ପ୍ରତିଟି ଜୀବଜନ୍ତୁଙ୍କର ନିଜସ୍ୱ ବଞ୍ଚିବା କ୍ଷମତା ରହିଛି । ବୁଲାକୁକୁରମାନେ ଯେଉଁ ଭଳି ଭାବେ ବିଭିନ୍ନ ଆଡୁ ଖାଦ୍ୟ ସଂଗ୍ରହ କରନ୍ତି, ପାରା ବି ସେମିତି କରିପାରିବ । ସେମାନଙ୍କୁ ଗୋଟିଏ ସ୍ଥାନରେ ଗୁଣ୍ଡ କରି ଖାଇବାକୁ ଦେବା ଅନୁଚିତ । ଆମେ ନଜର ରଖିବା ଉଚିତ, ଜନବସତି ଠାରୁ ଦୂରେଇ ଯେଭଳି ପାରାମାନେ ବସା ବାନ୍ଧନ୍ତି । ପ୍ରକୃତିର ନିୟମ ଅନୁଯାୟୀ ବିଲେଇ, ଚିଲ, ସାପ ଆଦି ପାରା ମାରି ଖାଇବା ଯୋଗୁଁ ପାରା ବଂଶବୃଦ୍ଧି ନିୟନ୍ତ୍ରଣରେ ରହେ । ଏବେ ଆମେ ପାରାଙ୍କୁ ଜନବସତିରେ ସ୍ଥାନ ଦେବା ଫଳରେ ସେମାନେ ପ୍ରାକୃତିକ ଖାଦ୍ୟ ଶୃଙ୍ଖଳରେ ଅଂଶ ହେବା ବଦଳରେ ସୁରକ୍ଷିତ ରହି ପରିବେଶ ଓ ମଣିଷ ପ୍ରତି ବିପଦ ସାଜୁଛନ୍ତି ।

ପାରାମାନଙ୍କ ସଂସ୍ପର୍ଶରେ ସବୁବେଳେ ଆସିବା ଦ୍ୱାରା 'ହାଇପରସେନସିଟିଭିଟି ନ୍ୟୁମାଟାଇଟିସ୍' ଭଳି ଫୁସଫୁସ ରୋଗ ହୋଇଥାଏ । ଏହି ରୋଗରେ ଫୁସଫୁସ ସଂକ୍ରମିତ ହେବା ସହ ନିଃଶ୍ୱାସ ପ୍ରଶ୍ୱାସ କ୍ରିୟାରେ କଷ୍ଟ ଅନୁଭୂତ ହୋଇଥାଏ ଓ ଧଇଁସଇଁ ଲାଗିଥାଏ । ଏଣୁ ପାରାମାନଙ୍କୁ ଜନବସତି ବା ଘର ଆଖପାଖରେ ବଢ଼ିବାକୁ ନ ଦେବା ଭଲ । ଶ୍ୱାସ ସମସ୍ୟା ଥିବା ରୋଗୀମାନେ ପାରାଙ୍କ ଠାରୁ ଯେତେ ଦୂରେଇ ରହିବେ ସେତେ ଭଲ । ପାରା ଅଧିକ ଥିବା ଅଞ୍ଚଳରେ ମାସ୍କ ପିନ୍ଧି ଯାତାୟାତ କରିବା ଶୁଭଙ୍କର । ତେବେ ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ପାରାଙ୍କ ସଂସ୍ପର୍ଶରେ ଆସିଲେ ହିଁ ଏହି ରୋଗ ବ୍ୟାପିଥାଏ । ପାରାମାନଙ୍କ ଲୋମ ଓ ଛୋଟ ଛୋଟ ପକ୍ଷୀ ତଳେ ସେମାନେ ଚାରିଆଡ଼େ ବୁଲୁଥିବାରୁ ଅନେକ ରୋଗ ସୃଷ୍ଟିକାରୀ ଜୀବାଣୁ ସଂସ୍ପର୍ଶରେ ଆସୁଥିବାରୁ ଏହା ଶ୍ୱାସକ୍ରିୟାକୁ ସଂକ୍ରମିତ କରିବାର ସମ୍ଭାବନା ଅଛି । ବିଶେଷକରି ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସ୍ୱସ୍ତିକର ଅନୁଭବ କରି ପରବର୍ତ୍ତୀ ସମୟରେ ଏହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ନାକ, କାନ ଓ ଗଳାକୁ ସଂକ୍ରମିତ କରିବାର ସମ୍ଭାବନା ମଧ୍ୟ ଥାଏ । ତେଣୁ ଏ କ୍ଷେତ୍ରରେ ପାରାମାନଙ୍କୁ ସ୍ୱାସ୍ଥ୍ୟଗତ ଭାବେ ନିର୍ଦ୍ଦିଷ୍ଟ ଖାଇବା କୁଣ୍ଡ ରଖି ଆବଦ୍ଧ ଓ ସ୍ୱାସ୍ଥ୍ୟଗତ ପରିବେଶରେ ସେମାନଙ୍କୁ ଖାଦ୍ୟ ଦିଆଯାଇପାରେ । ତେବେ ସେମାନଙ୍କ ସଂସ୍ପର୍ଶରେ ଆସିବା ପରେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ ହୁଅନ୍ତୁ । ପାରାମାନଙ୍କୁ ଖାଦ୍ୟ ଦେବା ସମୟରେ ହାତରେ ଗ୍ଲୋବସ ଓ ମୁହଁ ମାସ୍କ ପିନ୍ଧିବା ସବୁଠାରୁ ଭଲ । ଭାବପ୍ରବଣ ହୋଇ ପାରାମାନଙ୍କୁ ବାସୀ ଖାଦ୍ୟ ବା ସେମାନଙ୍କ ପାଇଁ ଗରିଷ୍ଠ ଅନୁଭବ ହେଉଥିବା ଖାଦ୍ୟ ଦିଅନ୍ତୁ ନାହିଁ । କାରଣ ସେମାନେ ଖାଦ୍ୟ ଖାଇବା ପରେ ଯେଉଁ ମଳତ୍ୟାଗ କରିବେ ତାହା ମଧ୍ୟ ଆପଣଙ୍କ ପରିବେଶକୁ ସଂକ୍ରମଣ କରିବ। ତେଣୁ ପାରା ମାନଙ୍କୁ ଖାଦ୍ୟ ଦେବା ପୂର୍ବରୁ ଭଲ ଭାବେ ଆପଣଙ୍କ ପାରିପାର୍ଶ୍ୱିକ ପରିବେଶ ଓ ଅନ୍ୟ ମାନଙ୍କ କଥା ତଥା ସେମାନଙ୍କ ସମସ୍ୟାକୁ ଭଲ ଭାବେ ଚିନ୍ତା କରନ୍ତୁ ।

**ବାକ୍ ଶ୍ରବଣ ବିଶେଷଜ୍ଞ,**
**କାଠଗୋଲା ରୋଡ଼, ମଙ୍ଗଳାବାଗ,**
**କଟକ, ମୋ- ୯୪୩୮୨୭୬୭୬୦**
















# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତଦନ୍ତ...

ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏହା ଦେଖି ସେଠାରେ ଉପସ୍ଥିତ ଥିବା କିଛି ଯୁବକ ପିତବାସଙ୍କୁ ଉଦ୍ଧାର କରି ଏକ ସ୍କୁଟିରେ ବସାଇ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର, ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ଓ ପୋଲିସର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ସେହିପରି ଖଣିମନ୍ତ୍ରୀ ବିଭୂତିଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ସମେତ ବହୁ ବିଜେପି ନେତା ଓ ଆଇନଜୀବୀ ଏମକେସିଜିରେ ପହଞ୍ଚିଥିଲେ । ସୋମବାର ରାତିରେ ହିଁ ଜିଲାପାଳଙ୍କ ନିର୍ଦ୍ଦେଶରେଏମକେସିଜିର ଏଫଏମଟିରେ ପିତାବସଙ୍କ ମୃତଦେହ ବ୍ୟବଛେଦ କରାଯାଇଥିଲା । ଏହି ସମୟରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ରାଜ୍ୟ ବିଜେପି ନେତା ମାନସ ମହାନ୍ତି ଓ ବିରଞ୍ଚିନାରାୟଣ ତ୍ରିପାଠୀ, ଜିଲା ବିଜେପିର ବରିଷ୍ଠ ନେତା ଏଫଏମଟିରେ ଉପସ୍ଥିତ ଥିଲେ। ଭୋରୁ ବ୍ୟବଛେଦ ଶେଷ ହେବା ପରେ ପିତବାସଙ୍କ ମରଶରୀରକୁ ଶବ ବୁହା ଗାଡିରେ ରଖି ଶେଷଦର୍ଶନ ପାଇଁ ଶୋଭାଯାତ୍ରାରେ ନିଆଯାଇଥିଲା । ତାଙ୍କ ମରଶରୀରକୁ ପ୍ରଥମେ ହିଲପାଟଣା ସ୍ଥିତ ବିଜେପି କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ଦଳପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହାପରେ ବ୍ରହ୍ମପୁର କୋର୍ଟ ପରିସରରେ ଥିବା ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ନିକଟକୁ ନିଆଯାଇଥିଲା । ସେଠାରେ ଗଞ୍ଜାମ ଓକିଲ ସଂଘ, ରାଜ୍ୟ ବାର କାଉନସିଲ ସହ ବିଭିନ୍ନ ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ ଶେଷଦର୍ଶନ କରିଥିଲେ । ଏହାପରେ ପିତବାସଙ୍କ ମରଶରୀରକୁ ନେଇ ଗେଟବଜାର ନିକଟ ଗୋକର୍ଣ୍ଣେଶ୍ୱର ଶ୍ମଶାନକୁ ନେଇ ଶେଷକୃତ ସମ୍ପନ୍ନ ହୋଇଥିଲା । ପୀତବାସଙ୍କ ହତ୍ୟା ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା(୫୧୮/୨୫) ରୁଜୁ ହୋଇଛି । ତଦନ୍ତ ବେଳେ ପୋଲିସକୁ ସିସିଟିଭି ଫୁଟେଜ ସହ କିଛି ପ୍ରମାଣ ମିଳିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି । ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ୩ଟି ଟିମ ଗଠନ କରାଯାଇଛି ବୋଲି ସେ କହିଛନ୍ତି । ଏପଟେ ପୀତବାସଙ୍କୁ ଗୁଳିମାଡ ପରେ ଗୁଳିଟି ତାଙ୍କ ଫୁସଫୁସରେ ପଶିଯିବାରୁ ରକ୍ତ ଜମାଟ ବାନ୍ଧି ଯାଇଥିଲା ବୋଲି ଏମକେସିଜି ଫେଏମଟି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଦିପା ଦାସ କହିଛନ୍ତି । ଗୁଳିଟି ପୀତବାସଙ୍କ ଅନ୍ତନଳୀ ନିକଟରୁ ବାହାର କରାଯାଇଥିଲା ବୋଲି ସେ କହିଛନ୍ତି ।

## ଘାସିରାମ...

ପରଠାରୁ ସମ୍ଭାବ୍ୟ ଉପନିର୍ବାଚନ ନେଇ ରାଜ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ମୂଳରୁ ହିଁ ଶ୍ରୀ ମାଝୀ ଦଳର ପ୍ରାର୍ଥୀ ହେବେ ବୋଲି ପିସିସି ସଭାପତିଙ୍କ ଅନୁମାନ ସତ୍ୟ ହୋଇଛି। ଗତ ୨୦୨୪ ନିର୍ବାଚନକୁ ମିଶାଇ ଶ୍ରୀ ମାଝୀ ଉକ୍ତ ନିର୍ବାଚନମଣ୍ଡଳୀରେ ମୋଟ ୩ ଥର ଲଢି ହାରିଥିଲେ। ୨୦୧୪ ଓ ୨୦୧୯ ରେ ସେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ବେଳେ ଗତ ୨୦୨୪ ନିର୍ବାଚନରେ ତାଙ୍କୁ ଦଳୀୟ ଟିକଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଲଢି ୫୦ ହଜାର ୯୪୧ ଖଣ୍ଡ ଭୋଟ୍ ପାଇବା ସହ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସର ଦଳୀୟ ପ୍ରାର୍ଥୀ ତଥା ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ୧୫ ହଜାରରୁ ଅଧିକ ଭୋଟ ପାଇଥିବାରୁ କଂଗ୍ରେସ ଖାତାରେ ୬୫ ହଜାରରୁ ଅଧିକ ଭୋଟ୍ ଥିବା ନେଇ ପିସିସି ସଭାପତି ଆକଳନ କରିଆସୁଥିଲେ। ତେଣୁ ଏ ଥର ସେ ଜିତିବାରେ ଅସୁବିଧା ହେବନାହିଁ ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ବିଜେଡି ଓ ବିଜେପି କାହାକୁ ପ୍ରାର୍ଥୀ କରିବେ ସେ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଆହୁରି ମଧ୍ୟ ନୂଆପଡା ବିଧାନସଭା ଖଣ୍ଡ ପିସିସି ସଭାପତିଙ୍କ ଲୋକସଭା କ୍ଷେତ୍ର କଳାହାଣ୍ଡିର ଅଂଶବିଶେଷ ହୋଇଥିବାରୁ କଂଗ୍ରେସ ପ୍ରଚାର ଦୃଷ୍ଟିରୁ ଆଗୁଆ ଥିବା ସ୍ପଷ୍ଟ ହୋଇଛି। ଶ୍ରୀ ଦାସ ଗତ ସୋମବାରଠାରୁ ନୂଆପଡ଼ାରେ ୪ ଦିନ ପାଇଁ ଡେରା ପକାଇ ଅଛନ୍ତି । ପ୍ରଥମ ଦିନର ରାଲିରେ ସହସ୍ର ସଂଖ୍ୟାରେ କର୍ମୀମାନେ ଯୋଗଦେବା କଥା ଦଳରେ ଉତ୍ସାହକୁ ପ୍ରମାଣ କରୁଥିବା ସେ କହିଛନ୍ତି।


## ହଟିଲା...

ପ୍ରକାଶ ଥାଉ କି, ବିଶ୍ୱ ହିନ୍ଦୁ ପରିଷଦ ଓ ସହଯୋଗୀ ସଂଗଠନ ପକ୍ଷରୁ ଗତ ୫ ତାରିଖରେ କଟକ ବନ୍ଦକୁ ସଫଳ କରିବା ନିମନ୍ତେ ପୋତାପୋଖରୀରୁ ଶୋଭାଯାତ୍ରା ବାହାରି ଥିଲା । ଦରଘାବଜାର ଅଞ୍ଚଳରେ ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଭୟାନକ ଗଣ୍ଡଗୋଳ ଘଟିଥିଲା । ତେବେ ଏହି ଶୋଭାଯାତ୍ରା ପାଇଁ ପୁଲିସ ପକ୍ଷରୁ ଅନୁମତି ଦିଆଯାଇ ନଥିଲା । ଶୋଭାଯାତ୍ରା କରି ପୁଲିସକୁ ଆକ୍ରମଣ ଓ ସ୍ଥିତିକୁ ଜଟିଳ କରିବା ଘଟଣାରେ ସମୁଦାୟ ୯ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ଡିସିପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ କାର୍ଯ୍ୟକ୍ଷମ ହେଉଛି । ସେଠାରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍‌ସଆପ୍ ଏବଂ ଏକ୍ସ ଆକାଉଣ୍ଟ ଗୁଡ଼ିକୁ ଯାଞ୍ଚ କରାଯାଉଛି । ଅପପ୍ରଚାରକାରୀଙ୍କ ଉପରେ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିଛି । ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଥିବା ବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟି ଗୁଡିକ ସହ ଆଲୋଚନା କରାଯିବ । ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନ୍‌ଦେଓ କହିଛନ୍ତି ।

କର୍ଫ୍ୟୁ ହଟିବା ପରେ ସାରା ସହର ସମେତ ଛତ୍ରବଜାର, ମାଲଗୋଦାମ ଓ ଅନ୍ୟାନ୍ୟ ଅଞ୍ଚଳରେ ଭିଡ ପରିଲକ୍ଷିତ ହୋଇଥିଲା । ପୁଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନ ଗୁଡିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । କଟକରେ ପୁଲିସ ପକ୍ଷରୁ ପ୍ରାୟ ଦୋକାନ ଗୁଡିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଛି । ଦରଘାବଜାର ଥାନା ସମେତ ସହରର ସମ୍ବେଦନଶୀଳ ସ୍ଥାନକୁ ପୁଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ପୂର୍ବଘୋଷଣା ଅନୁଯାୟୀ ମଙ୍ଗଳବାର ସକାଳ ୧୦ଟା ପର୍ଯ୍ୟନ୍ତ କଟକ ସହରରେ କର୍ଫ୍ୟୁ କଟକଣା ରହିଥିଲା । ଦରଘାବଜାର ସମେତ ୧୩ଟି ଥାନା ଅଞ୍ଚଳରେ କର୍ଫ୍ୟୁ ଲଗା ଯାଇଥିଲା । ୬୦ପ୍ଲାଟୁନ୍ ପୁଲିସ ଫୋର୍ସ ସହରକୁ ଜଗି ରହିଥିଲେ । ବିଶେଷଃ କରି ଦରଘାବଜାର ଥାନା, ମଙ୍ଗଳାବାଗ ଥାନା, ଲାଲବାଗ ଥାନା, ପୁରୀଘାଟ ଥାନା, ବିଡ଼ାନାସୀ ଥାନା,ମର୍କତନଗର ଥାନା, ସିଡିଏ ଫେଜ୍-୨ଥାନା, କ୍ୟାଣ୍ଟନ୍‌ମେଣ୍ଟ୍ ଥାନା, ମାଲଗୋଦାମ ଥାନା, ବାଦାମବାଡ଼ି ଥାନା, ଜଗତପୁର ଥାନା, ୪୨ମୌଜା ଥାନା ଏବଂ ସଦର ଥାନା ଅଞ୍ଚଳକୁ କମିଶନରେଟ୍ ପୁଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଥିଲା । ଗତକାଲି ପୁଲିସ ମୋଟ୍ ୩ଟି ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରିଥିଲା । ଆଜି ଜଣକୁ ଗିରଫ କରାଯିବା ପରେ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି । ଆଜି ସନ୍ଧ୍ୟା ୭ଟା୩୦ରେ ସହରରେ ଇଣ୍ଟରନେଟ୍ ଉପଲବ୍ଧ ହୋଇଛି ।

## ଦୃଷ୍ଟାନ୍ତ...

ଘଟଣାକୁ କୌଣସି ପରିସ୍ଥିତିରେ ମଧ୍ୟ ବରଦାସ୍ତ କରାଯିବ ନାହିଁ। ମୁଖ୍ୟମନ୍ତ୍ରୀ ସ୍ୱଗତଃ ପଣ୍ଡାଙ୍କୁ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।




## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

With Best Compliments From :
M/s JBSP
Baramana, Chadeidhara

'ସମୟ'ର ୨୯ ତମ ସ୍ୱନକ୍ଷତ୍ର ତଥା ଲକ୍ଷ୍ମୀପୂଜା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସର୍ବାଙ୍ଗ ସୁଖ ସମୃଦ୍ଧି କାମନା କରୁଛି ।
Sri Saroj Kumar Rout
Chadeidhara, Jajpur

With Best Complimen... :
DEVI INDANE
Chandikhole

With Best Compliments From :
'ସମୟ'ର ସ୍ୱନକ୍ଷତ୍ର ତଥା ପବିତ୍ର ଲକ୍ଷ୍ମୀପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀ ରଞ୍ଜନ କୁମାର ଜେନା

With Best Compliments From :
M/s BANALATA STONE CRUSHER

With Best Compliments From :
M/s KONARK MINERALS
Prop. Sri Niranjan Deo

With Best Compliments From :
M/s ROUT TRANSPORT SERVICE
Prop. Sukanta Kumar Rout
Chandikhole, Jajpur

ଜାତକ ଓ ବାସ୍ତୁ ବିଚାର
ବିଳମ୍ବ ବିବାହ, ଉଚ୍ଚଶିକ୍ଷା, ସନ୍ତାନ, ବାସ୍ତୁ, ରୋଜଗାର, ପାରିବାରିକ ଓ ବ୍ୟକ୍ତିଗତ ସମସ୍ୟା ସହିତ ଅଶୁଭ ଗ୍ରହର ଅଲୌକିକ ପ୍ରତିକାର ପାଇଁ ଯୋଗାଯୋଗ କରନ୍ତୁ
ଜ୍ୟୋତିଷ ଓ ବାସ୍ତୁ ବିଶାରଦ
ପଣ୍ଡିତ ଅଶୋକ କୁମାର ମହାପାତ୍ର
ନବିନାବାଗ, ଖୋର୍ଦ୍ଧା (ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପଛ ପାଖ) // ୯୯୩୭୧୩୪୪୦୨ ୮୨୪୯୩୦୨୪୦୫

ସେବାରୁ ଆରମ୍ଭ ସେବାରେ ଶେଷ
ସହଯୋଗ ହସପିଟାଲ
ଏଠାରେ ସମସ୍ତ ପ୍ରକାର ରୋଗର ଚିକିତ୍ସା ଓ ଅପରେସନ୍ ସୁନାମ ଧନ୍ୟ ଡାକ୍ତରଙ୍କ ଦ୍ୱାରା କରାଯାଏ । ଲାପ୍ରୋସ୍କୋପି , ଲେଜର ମାଧ୍ୟମରେ ଅପରେସନ୍‌ର ସୁବିଧା ଉପଲବ୍ଧ ।
AN ISO 9001 : 2015 Certified Hospital
Regd. No.1533-2013
DOCTOR
ଲେନ୍-୬, ମଙ୍ଗଳାନଗର, ଖୋର୍ଦ୍ଧା
ମୋ:୯୪୩୭୫୫୨୧୭୮ / ୮୨୪୯୯୬୬୩୯୨
SAHAJOG HOSPITAL, KHORDHA
E-Mail id : sahajoghospital@gmail.com
ଦୈନିକ ଖବର କାଗଜ 'ସମୟର' ୨୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସହଯୋଗ ହସ୍ପିଟାଲ ପକ୍ଷରୁ ସମୟର ସମସ୍ତ ଖବରଦାତା, କର୍ମଚାରୀ ଓ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ଆରୋଗ୍ୟ ରୁହନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
ସେବାରୁ ଆରମ୍ଭ ସେବାରେ ଶେଷ
ଆୟୁସମାନ କାର୍ଡ଼ ଏବଂ ରାସନ କାର୍ଡ଼ ଥିବା ବ୍ୟକ୍ତିଙ୍କ ପାଇଁ ଏଠାରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯାଏ

With Best Wishes from
New AROGYA HOSPITAL
Provides Best Health Solutions
Regd. No. : 260/2024
Specialist in :
Laproscopic Surgery
Gynaecology Surgery
Orthopaedic Surgery
Knee Replacement
Hip Replacement
Kidney Surgery
Plastic Surgery
ENT Surgery


Ultra Sound, Digital X-ray, Pathology & Pharmacy
Hospital Area, Nayagarh Road, Khordha-752055
7751 0051 00, 7008 8464 94, 7440 1111 31, 7440 1111 41
www.newarogyahospital.com newarogyakhordha@gmail.com
ଦୈନିକ ଖବର କାଗଜ 'ସମୟର' ୨୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଅରୋକେୟାର ହସ୍ପିଟାଲ ପକ୍ଷରୁ ସମୟର ସମ୍ପାଦକ ସମସ୍ତ ଖବରଦାତା, କର୍ମଚାରୀ ଓ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସେବା ଯୋଗାଇବା ଆମର ପ୍ରଥମ ଲକ୍ଷ୍ୟ
ଆୟୁସମାନ କାର୍ଡ଼ ଏବଂ ରାସନ କାର୍ଡ଼ ଥିବା ବ୍ୟକ୍ତିଙ୍କ ପାଇଁ ଏଠାରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯାଏ


ରାଖୀ ମିଶ୍ର
କାଲଭିକ୍ ସିପ୍ରା ଇମ୍ପେରିଆଲ, ଇ-୧,
ବଜରଙ୍ଗବିହାର, ପଟିଆ, ଭୁବନେଶ୍ୱର
ବିଶିଷ୍ଟ ଆଇନଜୀବି ଉଚ୍ଚ ନ୍ୟାୟାଳୟ, ଓଡ଼ିଶା,କଟକ
ଉଚ୍ଚତମ ନ୍ୟାୟାଳୟ, ଭାରତ ନୂଆଦିଲ୍ଲୀ

....ଶୁଭେଚ୍ଛା ବାର୍ତ୍ତା....
ପବିତ୍ର ଦଶହରା ଓ ଦୀପାବଳି ଉପଲକ୍ଷେ ରଣପୁର ଗାୟତ୍ରୀ ଇଣ୍ଟରପ୍ରାଇଜର୍ସ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା..... ମା' ଦୁର୍ଗାଦେବୀଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ ।
ପ୍ରୋ :
ପ୍ରଫୁଲ୍ଲ କୁମାର ନାୟକ


ଏଠାରେ ସମସ୍ତ କମ୍ପାନୀର ଲ୍ୟାପଟପ୍, ମୋବାଇଲ, ଟିଭି, ଫ୍ରିଜ, କୁଲର, ୱାସିଂ ମେସିନ ଓ ସମସ୍ତ ପ୍ରକାର ଘରକରଣା ସାମଗ୍ରୀ ସୁଲଭ ମୂଲ୍ୟରେ ମିଳେ । ପୂଜା ଉପଲକ୍ଷେ ପ୍ରତ୍ୟେକ ଜିନିଷ ଉପରେ ନିଶ୍ଚିତ ଉପହାର ରହିଛି । ଏତଦ୍ ବ୍ୟତୀତ ଲକି ଡ୍ର କୁପନ ବ୍ୟବସ୍ଥା ରହିଥିବାବେଳେ ଅକ୍ଟୋବର ୩୧ ତାରିଖରେ ଉଠାଣ ହେବ । ବିଶେଷ ଆକର୍ଷଣ "ସ୍କୁଟି ପ୍ଲେଜର"

ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା
ଡ. ଧୀରେନ୍ଦ୍ର ନନ୍ଦ
ଶାରଦୀୟ ଅଭିନନ୍ଦନ
VIVEKANANDA INSTITUTE
OF ADVANCED EDUCATIONAL RESEARCH & TECHNOLOGY
RESIDENTIAL COLLEGE
+2 SCIENCE BCA
+3 SCIENCE BBA
AFFORDABLE FEES ● QUALITY TEACHING ● GUARANTEE RESULT
NEW CAMPUS : TANGIAPADA KHORDHA, PIN-752057
Head Office : MUKUNDAPRASAD KHORDHA-752057
☎ : 9437006725, 9937652054, 9337541063
E-mail : viaert.odisha@gmail.com, Web. : vivekanandainstitute.org

AUROCARE NURSING HOME
NEAR DIST. GOVT. HOSPITAL,
NAYAGARH ROAD, KHORDHA, ODISHA.
REGD. NO.- 1498/13,MOB:-9556690603, 7978332090, 06755-222603
Email- aurokhd@gmail.com
Facilities Available
- Obstetric & Gynaecology
- General Surgery
- Laparoscopic Surgery
- Cancer Surgery
- Uro Surgery
- Plastic Surgery
- Orthopaedic Surgery
- ENT Surgery
- General Medicine
- Ultrasound
- Pathology & ECG
- AC & Non-AC Cabin

ଆୟୁସମାନ କାର୍ଡ଼ ଏବଂ ରାସନ କାର୍ଡ଼ ଥିବା ବ୍ୟକ୍ତିଙ୍କ ପାଇଁ ଏଠାରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯାଏ
ଓଡ଼ିଶାର ସୁନାମଧନ୍ୟ ଡାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସା ଓ ଅପରେସନ୍ କରାଯାଏ
ଆପଣଙ୍କୁ ସେବା ଯୋଗାଇବା ଆମର କର୍ତ୍ତବ୍ୟ
ଦୈନିକ ଖବର କାଗଜ 'ସମୟର' ୨୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଅରୋକେୟାର ହସ୍ପିଟାଲ ପକ୍ଷରୁ ସମୟର ସମ୍ପାଦକ ସମସ୍ତ ଖବରଦାତା, କର୍ମଚାରୀ ଓ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅରୋକେୟାର ହସ୍ପିଟାଲ
ସରକାରୀ ମୁଖ୍ୟ ଚିକିତ୍ସାଳୟ ନିକଟ, ନୟାଗଡ଼ରୋଡ଼, ଖୋର୍ଦ୍ଧା
ଯୋଗାଯୋଗ : ୯୫୫୬୬୯୦୬୦୩, ୭୯୭୮୩୩୨୦୯୦,୦୬୭୫୫-୨୨୨୬୦୩

ଶଙ୍କଟ ମୋଚନ ଅଲଟ୍ରାସାଉଣ୍ଡ କ୍ଲିନିକ୍
ଓଡ଼ିଶାର ଅଗ୍ରଣୀ ଖବର କାଗଜ 'ସମୟ'ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅଗଣିତ ପାଠକ ପାଠିକା ଖବର କାଗଜର ସମ୍ପାଦକ, କାର୍ଯ୍ୟକର୍ତ୍ତା, ଖବର ଦାତା, ବିତରକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ପୁଅ ହେଉ ଅବା ଝିଅ
"ଗୋଟିକରେ ପୂର୍ଣ୍ଣଚ୍ଛେଦ ଦିଅ"
ଚଣ୍ଡିତୁଆ ଛକ, ନୟାଗଡ଼ ରୋଡ , ଖୋର୍ଦ୍ଧା ।
(ଏଠାରେ ଭ୍ରୂଣ ନିରୂପଣ କରାଯାଏ ନାହିଁ)
ପ୍ରୋ- କୁନା
ଦୂରଭାଷ-୦୬୭୫୫-୨୨୦୨୭୫
ମୋ-୯୬୫୮୭୫୦୬୭୮
ଖୋର୍ଦ୍ଧାର ସର୍ବ ପୁରାତନ ନିର୍ଭର ଯୋଗ୍ୟ ଅଲଟ୍ରାସାଉଣ୍ଡ କ୍ଲିନିକ୍

ସତ୍ୟସାଇ ପାଥୋଲୋଜୀ ଓ ଡ଼ାଇଗ୍ନୋଷ୍ଟିକ୍ ସେଣ୍ଟର
ସମସ୍ତଙ୍କ ଆରୋଗ୍ୟ କାମନା କରିବା ସହ ଦୈନିକ ଖବର କାଗଜ "ସମୟ"ର ରୌପ୍ୟ ଜୟନ୍ତୀ ଅବସରରେ 'ସମୟ'ର ସମ୍ପାଦକ, କାର୍ଯ୍ୟକର୍ତ୍ତା, ପାଠକ ପାଠିକା ଓ ବିତରକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ସତ୍ୟ ସାଇ ପାଥୋଲୋଜୀ ଓ ଡାଇଗ୍ନୋଷ୍ଟିକ ସେଣ୍ଟର
ନିର୍ଭୁଲ ରିପୋଟର ନିର୍ଭର ଯୋଗ୍ୟ ପାଥୋଲୋଜୀ
ଚଣ୍ଡି ତୁଆ ଛକ, ନୟାଗଡ଼ ରୋଡ , ଖୋର୍ଦ୍ଧା ।
ଏଠାରେ ସମସ୍ତ ପ୍ରକାର ସିବିସି, ମଳ,ମୂତ୍ର ,ରକ୍ତ ଓ ପିଏଫ୍‌ଟି, ଏଣ୍ଡୋସ୍କୋପି, ଡ଼ିଜିଟାଲ ଏକ୍ସରେ, ପରୀକ୍ଷା କମ୍ପ୍ୟୁଟର ଦ୍ୱାରା କରାଯାଏ ।
ପ୍ରୋ-ରାସ ବିହାରୀ ବିଶ୍ୱାଳ
ଦୂରଭାଷ-୯୮୬୧୦୩୨୮୨୮




## ୩ ବୈଜ୍ଞାନିକଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର

ନୂଆଦିଲ୍ଲୀ : ଚଳିତ ବର୍ଷ ପଦାର୍ଥ ବିଜ୍ଞାନର ବୈଜ୍ଞାନିକ ଜନ୍ କ୍ଲାର୍କ, ମାଇକେଲ ଡେଭୋରେଟ୍, ଜନ୍ ଏମ୍ ମାର୍ଟିନିସ୍ ନୋବେଲ ପୁରସ୍କାର ପାଇବେ । ଏହି ୩ ଆମେରିକୀୟ ବୈଜ୍ଞାନିକ ବିଦ୍ୟୁତ୍ ସର୍କିଟରେ ବଡ ପରିମାଣର ମାଇକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଟନେଲି ଏବଂ ଉର୍ଜାସ୍ତର ଏହି ପୁରସ୍କାର ମିଳିବ । ଏହି ବର୍ଷର ନୋବେଲ ବିଜେତାମାନେ ବୈଦ୍ୟୁତିକ ସର୍କିଟ ସହ ପରିକ୍ଷଣ କରିଥିଲେ । ହାତରେ ଧରିବା ପାଇଁ ଛୋଟ ସିଷ୍ଟମର କ୍ୱାଣ୍ଟମ୍ ମେକାନିକାଲ ଟର୍ଣ୍ଣେଲିଂ ଏବଂ କ୍ୱାଣ୍ଟାଇଜଡ୍ ଶକ୍ତି ସ୍ତରରେ ଉଭୟ ପ୍ରଦର୍ଶନ କରିଥିଲେ । ଏହି ଆବିଷ୍କାର କ୍ୱାଣ୍ଟମ୍ କ୍ରିପ୍ଟୋଗ୍ରାଫି, କ୍ୱାଣ୍ଟମ୍ କମ୍ପ୍ୟୁଟର ଏବଂ କ୍ୱାଣ୍ଟମ୍ ସେନସର୍ ସମେତ କ୍ୱାଣ୍ଟମ୍ ପ୍ରଯୁକ୍ତି ବିଦ୍ୟାକୁ ବୁଝିବାରେ ଅଧିକ ସାହାର୍ଯ୍ୟ କରିବ । ସାଧାରଣତଃ କ୍ୱାଣ୍ଟମ ମେକାନିକ୍ସର ନିୟମ ବହୁତ ଛୋଟ କଣିକା ଉପରେ ପ୍ରଜୁଯ୍ୟ ହୁଏ । ସେମାନଙ୍କ ଆଚରଣଙ୍କୁ ମାଇକ୍ରୋସ୍କପିକ୍ କୁହାଯାଏ ।

## ପ୍ରଧାନମନ୍ତ୍ରୀ ଆଜି ମହାରାଷ୍ଟ୍ର ଗସ୍ତରେ ଯିବେ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୮-୯ ଅକ୍ଟୋବରରେ ମହାରାଷ୍ଟ୍ର ଗସ୍ତ କରିବେ ।ପ୍ରଧାନମନ୍ତ୍ରୀ ନଭି ମୁମ୍ବାଇରେ ପହଞ୍ଚିବେ ଏବଂ ଅପରାହ୍ନ ପ୍ରାୟ ୩ଟାରେ, ସେ ନବନିର୍ମିତ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପଦଯାତ୍ରା କରିବେ । ଏହା ପରେ ପ୍ରାୟ ୩:୩୦ ସମୟରେ, ପ୍ରଧାନମନ୍ତ୍ରୀ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ଉଦଘାଟନ କରିବେ ଏବଂ ମୁମ୍ବାଇରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଏବଂ ସମର୍ପିତ କରିବେ । ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ଏହା ପରଦିନ ୯ ଅକ୍ଟୋବର, ପ୍ରାୟ ୧୦ଟାରେ, ପ୍ରଧାନମନ୍ତ୍ରୀ ମୁମ୍ବାଇରେ ବ୍ରିଟେନ ପ୍ରଧାନମନ୍ତ୍ରୀ ସାର୍ କୀର ଷ୍ଟାରମରଙ୍କୁ ଆତିଥ୍ୟ ଦେବେ । ଅପରାହ୍ନ ପ୍ରାୟ ୧:୪୦ ସମୟରେ, ଉଭୟ ଦେଶର ପ୍ରଧାନମନ୍ତ୍ରୀ ଜିଓ ଓ୍ୱାର୍ଲ୍ଡ ସେଣ୍ଟର, ମୁମ୍ବାଇରେ ସିଇଓ ଫୋରମରେ ଯୋଗଦେବେ । ଏହା ପରେ, ପ୍ରାୟ ୨:୪୫ ସମୟରେ, ଉଭୟ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟର ଷଷ୍ଠ ସଂସ୍କରଣରେ ଯୋଗଦେବେ । ସେମାନେ ଫେଷ୍ଟରେ ମୁଖ୍ୟ ଭାଷଣ ମଧ୍ୟ ଦେବେ । ଭାରତକୁ ଏକ ବିଶ୍ୱ ବିମାନ ଚଳାଚଳ କେନ୍ଦ୍ରରେ ପରିଣତ କରିବାର ତାଙ୍କର ଦୃଷ୍ଟିକୋଣ ସହିତ, ପ୍ରଧାନମନ୍ତ୍ରୀ ପ୍ରାୟ ୧୯,୬୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପର୍ଯ୍ୟାୟ-୧ ଉଦଘାଟନ କରିବେ ।

## ହିମାଚଳରେ ଭୂସ୍ଖଳନ ୧୫ ବସ ଯାତ୍ରୀ ମୃତ

ସିମଲା: ହିମାଚଳପ୍ରଦେଶର ବିଳାସପୁର ଜିଲ୍ଲା ଅନ୍ତର୍ଗତ ଝଣ୍ଡୁତା ଅଞ୍ଚଳରେ ଭୂସ୍ଖଳନ ଘଟିଛି । ଆଉ ଏହି ସମୟରେ ଏକ ଚଳନ୍ତା ବସ୍ ଉପରେ ବଡ ପଥର ଖଣ୍ଡ ଖସିପଡ଼ିଛି । ରିପୋର୍ଟ ଅନୁଯାୟୀ, ଏଥିରେ ୩୦ ଜଣ ଯାତ୍ରା କରୁଥିଲେ । ବର୍ତ୍ତମାନ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ଆସିଛି । ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି ।

















# ଗିଲଙ୍କୁ ଜବରଦସ୍ତି କରାଯାଇଛି ଅଧିନାୟକ


ନୂଆଦିଲ୍ଲୀ, ୭।୧୦(ଏଜେନ୍ସି) : ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ବିସିସିଆଇ ଦଳ ଘୋଷଣା କରିଥିଲା । ଏକ ବଡ ପଦକ୍ଷେପ ସ୍ୱରୂପ ଭାରତୀୟ ଦିନିକିଆ ଦଳରୁ ଅଧିନାୟକ ପଦରୁ ରୋହିତ ଶର୍ମାଙ୍କୁ ହଟାଇ ଦିଆଯାଇଥିଲା । ରୋହିତଙ୍କ ବଦଳରେ ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲଙ୍କୁ ଦିନିକିଆ ଦଳର ନୂଆ ଅଧିନାୟକ କରାଯାଇଥିଲା । ରୋହିତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ଘୋଷଣା ହୋଇଥିବା ଦଳରେ ଅଛନ୍ତି । ବିରାଟ କୋହଲି ମଧ୍ୟ ଜାତୀୟ ଦଳକୁ ଫେରିଛନ୍ତି । କିନ୍ତୁ ବର୍ତ୍ତମାନ ୨ ବରିଷ୍ଠ ଖେଳାଳି ଶୃଙ୍ଖଳାରେ ଗିଲଙ୍କ ଅଧିନାୟକତ୍ୱରେ ଖେଳିବେ । ବିସିସିଆଇର ଏହି ନିଷ୍ପତ୍ତିକୁ ଅନେକ ଅଭିଜ୍ଞ ଖେଳାଳି ବିରୋଧ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି । ଶୁଭମନ୍ ଗିଲଙ୍କ ଉପରେ ଜବରଦସ୍ତି ଅଧିନାୟକ ଦାୟିତ୍ୱ ଲଦି ଦିଆଯାଇଛି , ଏଭଳି କହି କଡା ସମାଲୋଚନା କରିଛନ୍ତି ମହମ୍ମଦ କୈଫ୍ ।ଶୁଭମନ ଗିଲଙ୍କୁ ଦିନିକିଆ ଦଳର ଅଧିନାୟକ କରିବାକୁ ବାଧ୍ୟ କରାଯାଇଛି । ଦିନିକିଆ ଅଧିନାୟକ ହେବା ପାଇଁ ଗିଲଙ୍କୁ ଚାପରେ ପକାଯାଇଛି । ଏତେ କମ୍ ବୟସରେ ଗିଲଙ୍କୁ ଏତେ ଗୁରୁଦାୟିତ୍ୱ ଦେବା ତାଙ୍କ ପ୍ରଦର୍ଶନ ଉପରେ ଖରାପ ପ୍ରଭାବ ପକାଇବ ବୋଲି କୈଫ୍ କହିଛନ୍ତି । ବିସିସିଆଇ କାହିଁକି ଗିଲଙ୍କୁ ଅଧିନାୟକ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲା ? ଶୁଭମନ୍ ଗିଲଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏହି ନିଷ୍ପତ୍ତି ପଛର କାରଣ ଜଣାଇଛନ୍ତି । ଅଗରକର କହିଛନ୍ତି ରୋହିତ ୨୦୨୭ ଦିନିକିଆ ବିଶ୍ୱ କପ୍ ଖେଳିବେ କି ନାହିଁ ଏ ପର୍ଯ୍ୟନ୍ତ କୌଣସି ସ୍ୱଷ୍ଟତା ନାହିଁ । ଆଗାମୀ ଦୁଇ ବର୍ଷ ମଧ୍ୟରେ ଟିମ୍ ଇଣ୍ଡିଆ ଖୁବ୍ ଦିନିକିଆ ମ୍ୟାଚ୍ ଖେଳିବ ଅର୍ଥାତ୍ ବିଶ୍ୱ କପ୍ ପୂର୍ବରୁ ରୋହିତ - କୋହଲିଙ୍କ ପାଇଁ ଅଧିକ ଦିନିକିଆ ମ୍ୟାଚ୍ ଖେଳିବାର ସୁଯୋଗ ନାହିଁ । ଏହି କାରଣରୁ ଗିଲଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି । ସେ ଦିନିକିଆ ବିଶ୍ୱ କପ୍ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇପାରିବେ । ୨୦୨୩ ଦିନିକିଆ ବିଶ୍ୱ କପ୍‌ରେ ଭାରତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଅଂଶଗ୍ରହଣ କରି ଫାଇନାଲରେ ପହଞ୍ଚିଥିଲା । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଭାରତ ଅପରାଜୟ ରହି ଫାଇନାଲକୁ ଉଠିଥିଲା । କିନ୍ତୁ ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ପରାଜିତ ହୋଇ ରନର୍ସ ଅପ୍ ହୋଇଥିଲା । ପରବର୍ତ୍ତୀ ସମୟରେ ରୋହିତଙ୍କ ନେତୃତ୍ୱରେ ଭାରତ ୨୦୨୪ ଟି -୨୦ ବିଶ୍ୱ କପ୍ ଏବଂ ୨୦୨୪ ଚାମ୍ପିଅନ ଟ୍ରଫି ଜିତିଥିଲା । ତଥାପି ପରବର୍ତ୍ତୀ ବିଶ୍ୱ କପ୍ ପୂର୍ବରୁ ରୋହିତଙ୍କ ସ୍ଥାନରେ ଶୁଭମନ ଗିଲଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି ।






# କ୍ରିକେଟ୍‌ର ଉନ୍ନତି ପାଇଁ ଆମେ ସର୍ବଦା ପ୍ରସ୍ତୁତ : ପ୍ରତାପ

ଅନୁଗୁଳ, ୭।୧୦ (ସବ୍ୟୁ) : ଅନୁଗୁଳ ଜିଲ୍ଲାର କିଶୋର ଓ ଯୁବ କ୍ରିକେଟ ଖେଳାଳୀ ମାନେ ଚମତ୍କାର ଖେଳୁଛନ୍ତି । ରାଜ୍ୟ କ୍ରିକେଟର ବିଭିନ୍ନ ଫର୍ମାଟ ସେମାନେ ଅଂଶଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣୁଛନ୍ତି । ଅନୁଗୁଳ କ୍ରିକେଟ ଆସୋସିଏସନ୍ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏକଥା ପ୍ରକାଶ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ। ସେ କହିଲେ ଅନୁଗୁଳ ଜିଲ୍ଲାର ଉନ୍ନତି ପାଇଁ ଅନୁଗୁଳ ଜିଲ୍ଲା କ୍ରିକେଟ ସଂଘ ସର୍ବଦା ପ୍ରସ୍ତୁତ ଓ ପ୍ରତିଶୃତିବଦ୍ଧ। କ୍ରିକେଟର ମିଲନ ସାମଲ, ଶ୍ରେୟଂଶ ଭରଦ୍ୱାଜ, ମୋକ୍ଷିତ ପାନାକଲ, ଶଶାଙ୍କ ପାନାକଲ, ଆୟୁଷ ବାରିକ, ରୋହିତ ପ୍ରଧାନ, ମନୋରଞ୍ଜନ ସିଂହଙ୍କ ଭଳି ଉଦୀୟମାନ ଖେଳାଳୀଙ୍କ ଯୋଗୁଁ ଜିଲ୍ଲା କ୍ରିକେଟର ମାନ ବଢ଼ିଛି। କ୍ରିକେଟର ଉନ୍ନତି ପାଇଁ କଦମ ପଡିଆରେ ୫.୫୦ କୋଟି ଟଙ୍କା ବ୍ୟୟରେ ଫ୍ଲଡ ଲାଇଟ ଲଗାଯିବ। ଜିନ୍ଦଲ ଆନୁକୁଲ୍ୟରେ ଏକ ପ୍ଲେୟରସ ପାଭିଲିଆନ ନିର୍ମାଣ କରାଯିବ । ଯୁବ ଖେଳାଳିଙ୍କ ଭବିଷ୍ୟତ ପାଇଁ ରାଜ୍ୟ ବାହାରୁ କୋଚ ଅଣାଯାଇ ତାଲିମ ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପ ସଭାପତି ପ୍ରଭାତ କୁମାର ସିହ୍ନା, ଅରୁଣ ପୁଷ୍ପାଳକ, ସାଧାରଣ ସମ୍ପାଦକ ସାଗରନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ରଞ୍ଜନ କୁମାର ଧିର ସାମନ୍ତ ଓ ଆଇନ ପରାମର୍ଶଦାତା ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର କାର୍ଯ୍ୟକାରି ସଦସ୍ୟ ଅକ୍ଷୟ ସାମନ୍ତ, ସେକ ରଫିକ, ପ୍ରଶାନ୍ତ ସିନ୍‌ହା, ଶିବ ରାଉତ,ଦିଲ୍ଲୀପ ଧୀର ସାମନ୍ତ, ମାୟାଧର ମିଶ୍ର, ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଓଡିଶା ରଣଜୀ ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି । ମୁଖ୍ୟମନ୍ତ୍ରୀ ତାଙ୍କର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଶୁଭ୍ରାଂଶୁ ଓଡିଶା ତଥା ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି ।




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି